ଧରିତ୍ରୀ
DHARITRI
May 30-June 5, 2021 ₹ 2/-

# ଛୁଟିଦିନ

## ସେବାରେ ଆନନ୍ଦ



୩
ପ୍ରଚ୍ଛଦ ପ୍ରସଙ୍ଗ

କରୋନା ସମୟରେ ବି କିଛି ଯୁବଗୋଷ୍ଠୀ ଘରେ ନ ରହି ବାହାରିପଡ଼ନ୍ତି ଲୋକଙ୍କ ଚିନ୍ତାରେ। ସେମିତି କେତେଜଣ ଯୁବତୀ ଯୁବକ ଏବେ ଗଳିକନ୍ଦି ଘରଘର ବୁଲି ନିଜସ୍ୱ ଉଦ୍ୟମରେ ସାନିଟାଇଜ୍ କରି ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଉଛନ୍ତି...



୮/୯
ସିନେମା

୧୩
ସହରଠୁ ଦୂର

# ବାସ୍ତୁ ଅନୁଯାୟୀ ଦୋକାନ

**ବି**ଶେଷତଃ ଦୋକାନର ନାମ ବା ଦୋକାନୀର ଉତ୍ତମ ବ୍ୟବହାର ଏବଂ ଦୋକାନର ସୌନ୍ଦର୍ଯ୍ୟ ପାଇଁ ଏଗୁଡିକ ପ୍ରସିଦ୍ଧ ହୋଇଥାଏ। ଏହା ସହିତ ଯଦି ବାସ୍ତୁ ଶାସ୍ତ୍ର ନିୟମ ଅନୁସାରେ ଦୋକାନ କରାଯାଏ ତେବେ ବିଭିନ୍ନ ପ୍ରକାର ସକାରାତ୍ମକ ପ୍ରଭାବ ସହିତ ଧନ, ସମ୍ପଦରେ ବୃଦ୍ଧି ହୋଇଥାଏ। ଜାଣନ୍ତୁ ଏ ସମ୍ପର୍କରେ...

- ବାସ୍ତୁ ନିୟମାନୁଯାୟୀ ଦୋକାନର ମାଲିକ ସର୍ବଦା ପଶ୍ଚିମ ଓ ଦକ୍ଷିଣ କୋଣରେ ପୂର୍ବ ଏବଂ ଉତ୍ତର ଦିଗକୁ ମୁହଁ କରି ବସିବା ଉଚିତ।
- ଦୋକାନ କରୁଥିବା ଭୂମି ବା ପ୍ଲଟ୍ ସର୍ବଦା ବର୍ଗାକାର ଓ ଆୟତାକାର ଆକାରର କରନ୍ତୁ , କେବେବି ଅସମାନ ବା ଅଧା କଟା ଜମିରେ ଦୋକାନ କରନ୍ତୁ ନାହିଁ।
- ଦୋକାନର ମୁଖ୍ୟଦ୍ୱାର ପୂର୍ବ ଏବଂ ଉତ୍ତର-ପୂର୍ବ ଦିଗକୁ ରହିଲେ ବେଶି ଭଲ ହୋଇଥାଏ।
- ଦେବୀ ଲକ୍ଷ୍ମୀ ଓ ଭଗବାନ



ଗଣେଶଙ୍କ ମୂର୍ତ୍ତି କଦାପି ଉତ୍ତର-ପୂର୍ବ ଦିଗର ଡାହାଣ ପଟ କୋଣରେ ରଖନ୍ତୁ ନାହିଁ।
- କ୍ୟାଶ୍ କାଉଣ୍ଟର ବା ଟଙ୍କା ନେଣ ଦେଣ ସ୍ଥାନଟି ଏପରି କୋଣକୁ ରଖନ୍ତୁ ଯେଉଁ ପଟେ ଟଙ୍କା ରଖୁଥିବା ବାକ୍ସଟି ଉତ୍ତର ଦିଗକୁ ଖୋଲୁଥିବ। ଲକର୍ ବା କ୍ୟାଶ୍ ରୁମ୍ ସର୍ବଦା ଦକ୍ଷିଣ -ପଶ୍ଚିମ ଦିଗରେ ରଖନ୍ତୁ ଏବଂ ଏହାର ଦ୍ୱାର ଉତ୍ତର ଦିଗକୁ ଖୋଲୁଥିବା ଉଚିତ୍।
- ଓଜନିଆ ଜିନିଷ ଗୁଡିକୁ ଦକ୍ଷିଣ-ପଶ୍ଚିମ କୋଣକୁ ରଖିବା ଉଚିତ।
- କମ୍ପ୍ୟୁଟର, ଟେଲିଭିଜନ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଜିନିଷଗୁଡିକ ଦୋକାନର ଦକ୍ଷିଣ-ପୂର୍ବ କୋଣକୁ ରଖନ୍ତୁ।
- ଦୋକାନର ମୁଖ୍ୟଦ୍ୱାର ହେଉ

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୩୦- ଜୁନ୍ ୫

**ମେଷ**: କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ସାମାଜିକ ପ୍ରତିଷ୍ଠା, ଓଜସ୍ୱିନୀ ମନ୍ତବ୍ୟରୁ ପ୍ରଶଂସା, ବନ୍ଧୁଙ୍କ ସୁଚିନ୍ତିତ ପରାମର୍ଶ, ବହୁଜନ ପ୍ରଶଂସା, ପ୍ରିୟବ୍ୟକ୍ତିଙ୍କ ଅପନିନ୍ଦା, ପ୍ରଶାସନିକ ବିତର୍କ, ଚଳଚ୍ଚିତ୍ରରେ ସୁନାମ, ଘର ସାଜସଜ୍ଜା, ସାମୟିକ ଅର୍ଥ ସଂକଟ।

**ବୃଷ**: ବିଭିନ୍ନ କ୍ଷେତ୍ରରୁ ଅର୍ଥଲାଭ, ପାରିବାରିକ ସୁଖ ସୌଭାଗ୍ୟ, ଯାନବାହନାଦି କ୍ରୟ, ସାମୟିକ ସ୍ୱାସ୍ଥ୍ୟହାନି, ମାନସିକ ଦ୍ୱନ୍ଦ୍ୱ, ଦୁର୍ଭାବନାରୁ ବିଚଳିତ, କଚେରି ମାମଲାରେ ବିଜୟ, ଆତ୍ମୀୟଙ୍କ ସହ ମତାନ୍ତର।

**ମିଥୁନ**: ସ୍ଥଗିତ କର୍ମାରମ୍ଭ, ସଭାସମିତିକୁ ଆହ୍ୱାନ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ସାଂଗଠନିକ ଆଲୋଚନା, ପାରିବାରିକ ସମସ୍ୟା, ମାନସିକ ସ୍ଥିତି ବିଗିଡ଼ିବ, ଅନ୍ୟ ଦ୍ୱାରା ପ୍ରଭାବିତ, ପରିବହନରେ ଝଗଡ଼ା।

**କର୍କଟ**: ଈପ୍ସିତ ଦ୍ରବ୍ୟ ଲାଭ, ଉଚ୍ଚ ପଦବୀ ପ୍ରାପ୍ତି, ସମାଜରେ ପ୍ରତିଷ୍ଠା, ବନ୍ଧୁବର୍ଗରେ ଆଦର, ଅନୁକୂଳ ବାତାବରଣ, ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି। ଆଂଶିକ ଅସ୍ୱସ୍ତି ଅନୁଭବ, ଆର୍ଥିକ ଅନଟନ, କାମ ବିଗିଡ଼ିବ, ବିପଦପୂର୍ଣ୍ଣ ପରିସ୍ଥିତି।

**ସିଂହ**: ପ୍ରତିରୋଧର ସାମ୍ନା, ପ୍ରତିବନ୍ଧକ ହଟିବ, କାମ ଅବ୍ୟାହତ ରହିବ, ସମ୍ପର୍କ ଦୃଢ଼ୀଭୂତ ହେବ, ସାମାଜିକ ସ୍ୱୀକୃତି ପାଇବେ, କଳହକୁ ନିମନ୍ତ୍ରଣ, ପାରିବାରିକ ଅସ୍ଥିରତା, ଭୁଲରୁ ଅନୁତପ୍ତ, ବିଦେଶ ଯାତ୍ରାର ସୁଯୋଗ।

**କନ୍ୟା**: ପ୍ରତିକୂଳ ବାତାବରଣ, କର୍ମକ୍ଷେତ୍ରରେ ବିବାଦ, କଟୁକଥାରୁ ସମ୍ପର୍କହାନି, ବିବାଦୀୟ ପରିସ୍ଥିତ। ଆର୍ଥିକ ଉନ୍ନତି, ଯାତ୍ରାରେ ସଫଳତା, କାରିଗରିରୁ ଲାଭ, ସଙ୍ଗୀତ ସମାରୋହ।

**ତୁଳା**: ଉତ୍ତମ ସ୍ୱାସ୍ଥ୍ୟ, ପ୍ରଶାସନିକ ସ୍ଥିରତା, ସଫଳ ପ୍ରକାଶନ, ଉନ୍ନତ ଗବେଷଣା, ଆର୍ଥିକ ଅଭିବୃଦ୍ଧି, କଳାସାହିତ୍ୟରେ ସମ୍ମାନ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମୟିକ ଅଶାନ୍ତି, ଗୁପ୍ତଶତ୍ରୁଙ୍କ ଚକ୍ରାନ୍ତ।

**ବିଛା**: ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି, ମାଲିମକଦ୍ଦମାର ଦୁଶ୍ଚିନ୍ତା, ପରିବାରରେ ତର୍କବିତର୍କ, ଭୁଲ୍ ବୁଝାମଣା ଦୂରହେବ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବାଣିଜ୍ୟର ଅଭିବୃଦ୍ଧି, କାମ ବାଧାପ୍ରାପ୍ତ ହେବନି, ମାଙ୍ଗଳିକ କାର୍ଯ୍ୟରେ ପ୍ରସ୍ତୁତି।

**ଧନୁ**: ସ୍ୱାଭାବିକ ପରିସ୍ଥିତି, ଶାନ୍ତ ପରିବେଶ, ମାନସିକ ଭାରସାମ୍ୟ, ଧାରକରଜ କରିବେ, ଗଠନମୂଳକ କାର୍ଯ୍ୟ। ରାଜନୈତିକ ବିବାଦ, ଗୃହଭୂମି ବିକ୍ରୟ, ଗାଡ଼ିମୋଟର ମରାମତି, ଅତୀତ ସ୍ମୃତି ରୋମନ୍ଥନ, ପ୍ରକଳ୍ପ କାର୍ଯ୍ୟାରମ୍ଭ।


**ମକର**: ଅନୁକୂଳ ବାତାବରଣ, ସ୍ୱାଭାବିକ ଜୀବନଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ସମସ୍ୟାର ଅନ୍ତ। ବନ୍ଧୁଙ୍କ ସହଯୋଗ, କଳ୍ପିତ ଯୋଜନା ବଦଳିବ, ସାମୟିକ ଅର୍ଥସମସ୍ୟା, ପୂର୍ଣ୍ଣାଙ୍ଗ ନିର୍ମାଣ କାମ, ମାଙ୍ଗଳିକ କାର୍ଯ୍ୟରେ ବାଧା।

**କୁମ୍ଭ**: ବିଭ୍ରାନ୍ତିକର ଖବର, ବିପନ୍ନ ମାନସିକ ସ୍ଥିତି, ବିବାଦୀୟ ପରିସ୍ଥିତି। ଶତ୍ରୁତାର ଲମ୍ଫାଧାଡ଼ି, ବନ୍ଧୁଙ୍କ ସନ୍ଦେହ, ଦୁର୍ବଳ ସାମାଜିକ ସ୍ଥିତି, ଆର୍ଥିକ ସ୍ଥିତି ବଦଳିବ। ପ୍ରଶାସନିକ ଦ୍ୱନ୍ଦ୍ୱ, ଆମଦାନୀ କାରବାର ବୃଦ୍ଧି, ହୋଟେଲ ଶିଳ୍ପରେ କ୍ଷତି, ବେହିସାବ ଖର୍ଚ୍ଚ।

**ମୀନ**: ଶାରୀରିକ ଅସାମର୍ଥ୍ୟତା, ବାଚନିକ ପ୍ରଗଲ୍‌ଭତା, ମନୋବଳର ପ୍ରାବଲ୍ୟ। ନିୟନ୍ତ୍ରିତ ପରିସ୍ଥିତି, ଦ୍ୱନ୍ଦ୍ୱଯୁକ୍ତ ନିଷ୍ପତ୍ତି, ମନ ଆନ୍ଦୋଳିତ ରହିବ, ଧର୍ମାନୁଷ୍ଠାନରେ ସହଯୋଗ, ସାଙ୍ଗଠନିକ ନେତୃତ୍ୱ, କୃତି ଓ କୃତିତ୍ୱ, ଆଶାବାଦୀ ହେବେ, ଶୁଭଖବର ପ୍ରାପ୍ତି।

# ଘର ଉପରେ ରାସ୍ତା

**ସା**ଧାରଣତଃ ରାସ୍ତାଗୁଡ଼ିକ ଘର ଆଗଦେଇ ଯାଇଥାଏ। କିନ୍ତୁ ଉତ୍ତରଇରାନର ଆଲବୋରଜ୍ ପାହାଡ଼ ଉପରେ ମସଓ୍ୱଲେହ୍ ନାମକ ଏକ ଗାଁ ରହିଛି, ଯାହାର ରାସ୍ତାଗୁଡ଼ିକ ଘରର ଛାତ ଉପରେ ରହିଛି। ଏହି ଗାଁ ଟି ପାହାଡ଼ ଉପରେ ହୋଇଥିବାରୁ ଏଠାକାର ଘରଗୁଡ଼ିକ ତା' ଉପରକୁ ଉପର ହୋଇ ନିର୍ମାଣ କରାଯାଇଛି। ଏବଂ ପ୍ରତ୍ୟେକ ଘରର ଛାତ ସମାନ ଭାବେ ଯୋଡି ହୋଇ ଏହା ରାସ୍ତା କରାଯାଇଛି । ଆର୍କିଟେକ୍ଟରଙ୍କ ମତରେ ଏହା



୧୦୦୦ ବର୍ଷର ପୁରୁଣା ଗାଁ ଅଟେ। ଏଠାରେ ରେଷ୍ଟୁରାଣ୍ଟ, ବାହ୍ୟ କ୍ୟାଫେ ସହିତ ଦୋକାନ ବଜାର ମଧ୍ୟ ରହିଛି। ଏଠାକାର ଘର ଗୁଡିକ ସାଧାରଣତଃ ମାଟି, ପଥର ଓ କାଠରେ ତିଆରି କରାଯାଇଥାଏ।

# ପାଠକୀୟ

- କରୋନାରେ ମୃତବ୍ୟକ୍ତିଙ୍କ ଶବର ପାଖ ମାଡିବାକୁ ସମସ୍ତେ ଡରୁଥିବାବେଳେ କିଛି ଯୁବଗୋଷ୍ଠୀ ନିଜ ତରଫରୁ ନୀତି ନିୟମ ଅନୁସାରେ କରୁଛନ୍ତି ଏମାନଙ୍କ ଶବ ଶତ୍କାର। 'ମଶାଣିର ବନ୍ଧୁ' ଶୀର୍ଷକ ଏହି ଉପସ୍ଥାପନା ଏତେ ମାର୍ମିକ ହୋଇଛି ତାହା ପଢ଼ିବା ପରେ ସ୍ୱତଃ ଆଖିରୁ ଦୁଇ ଟୋପା ଲୁହ ଗଡି ଆସୁଛି। ଏହାର ଉପସ୍ଥାପନା ସୁନ୍ଦର ଏବଂ ହୃଦୟସ୍ପର୍ଶୀ ହୋଇଛି। ଏଭଳି ଶିକ୍ଷଣୀୟ ବିଷୟକୁ ନେଇ ଆଗକୁ ଉପସ୍ଥାପନା ଜାରି ରହିଲେ ତାହା ନିଶ୍ଚୟ ପାଠକାଦୃତ ହୋଇପାରିବ ବୋଲି ମୋର ଆଶା।

  *-ରେଣୁବାଳା ସାହୁ, ସାଲେପୁର, କଟକ*

- 'ଶର୍ଟ ଫ୍ୟାଶନ' ପଢ଼ିଲି। ଏହାକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ବିଶେଷଭାବରେ ଆଜିକାଲିର ଯୁବପିଢ଼ୀ ନୂଆ ଫ୍ୟାଶନ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଏହି ବିଷୟ ସେମାନଙ୍କୁ ନିଶ୍ଚୟ ପ୍ରେରଣାଦାୟକ ହେବ। ତା' ସହ ଏହି ବିଷୟରେ ଲେ-ଆଉଟ୍ ଆହୁରି ଆକର୍ଷଣୀୟ ହୋଇଛି।

  *-ତନ୍ମୟ କୁମାର ପ୍ରଧାନ, ରେଢ଼ାଖୋଲ*

- ଛୁଟିଦିନରେ ପ୍ରତିଟି ସପ୍ତାହରେ ପ୍ରକାଶ ପାଉଥିବା 'ସୃଜନ' ସ୍ତମ୍ଭ ମୋତେ ଅଧିକ ଆକର୍ଷିତ କରିଥାଏ। କାରଣ ଗପ-କବିତା ପଢ଼ିବା ଏବଂ ଲେଖିବା ମୋର ଏକ ହବି। କଲେଜରେ ପଢ଼ିବା ଦିନରୁ ଏହାକୁ ମୁଁ ଜାରି ରଖିଛି। ତା'ସହ ଧରିତ୍ରୀ ଛୁଟିଦିନର ଏହି ସ୍ତମ୍ଭ ମୋତେ ନିଜକୁ କବି ଏବଂ ଗାଳ୍ପିକ ଭାବରେ ନିଜ କ୍ୟାରିୟରକୁ ଆଗେଇ ନେବାରେ ବେଶ୍ ସହାୟକ ହୋଇଛି। ଉକ୍ତ ସ୍ତମ୍ଭରେ ପ୍ରକାଶିତ କବିତା 'ପ୍ରେମର ପରିଭାଷା, ପ୍ରତ୍ୟାବର୍ତ୍ତନ, ଝରା ଫୁଲ' ଏବଂ 'ଆଖପାଖ ନିଶୂନ୍' ଶୀର୍ଷକ ଗଳ୍ପ ମନଛୁଆଁ ହୋଇପାରିଛି। 'ସ୍ଥପତି ରଘୁନାଥ' ଏକ ସୁନ୍ଦର ପରିକଳ୍ପନା। କେବଳ ସେତିକି ନୁହେଁ, ଏହି ବିଷୟକୁ ସୁନ୍ଦର ଶବ୍ଦ ସଂଯୋଜନା ସହ ଉପସ୍ଥାପନା କରାଯାଇଛି।

  *-ତପସ୍ୱିନୀ ସାହୁ, ମଙ୍ଗଳପୁର, ଯାଜପୁର*

- ଛୁଟିଦିନର ଆକର୍ଷଣୀୟ ସ୍ତମ୍ଭଗୁଡିକ ମଧ୍ୟରୁ 'ମଡେଲ ମିରର' ଅନ୍ୟତମ। ଏଥିରେ ପ୍ରକାଶ ପାଉଥିବା ଫଟୋଗୁଡିକ ବେଶ୍ ଆକର୍ଷଣୀୟ ଏବଂ ମଡେଲିଂ ପ୍ରତି ଆଗ୍ରହୀ ଯୁବକ ଯୁବତୀଙ୍କ ପାଇଁ ପ୍ରେରଣାଦାୟକ। ଗତ ସପ୍ତାହରେ 'ହାଃ ହାଃ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ମୁଁ ନିଜ ହସକୁ ଯେତେ ରୋକିବାକୁ ଚେଷ୍ଟା କଲି ସଫଳ ହୋଇପାରିଲି ନାହିଁ।

  *-ଅନାମିକା ପ୍ରିୟଦର୍ଶିନୀ, ପୁରୀ*

## ବିଶେଷ ଚିଠି



ଛୁଟିଦିନ ଆହେ ଛୁଟିଦିନ
ତୁମ ପରି କେହି ନୁହେଁ ସମ।
ପ୍ରଚ୍ଛଦ ତୁମର ଖୁବ୍ ସୁନ୍ଦର
ସାଥୀର ଉତ୍ତର କେତେ ମଧୁର।
ସିନେମାରୁ ଜଣାପଡେ ସେଲିବ୍ରିଟିଙ୍କ କଥା
ମନଛୁଆଁ ହୋଇଥାଏ ଗପ ଓ କବିତା।
ନୂଆନୂଆ ଜାଗା ବୁଲାଏ ସହରଠୁ ଦୂର
କେତେ ତଥ୍ୟ ପରଷିଦିଏ ବ୍ୟାକ୍‌ପେଜ୍ ତୁମର।
ସତରେ ତୁମେ ଭାରି ଅନନ୍ୟ
କିଣୁଥାଅ ସଭିଙ୍କର ଏହିପରି ମନ।

**– ରାଜଲକ୍ଷ୍ମୀ ମିଶ୍ର, ପିକରାଳି, କେନ୍ଦ୍ରାପଡା**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସେବାରେ ଆନନ୍ଦ







ଶୁହା। ଯା। ଏ, ସ୍ୱଚ୍ଛତା ହିଁ ପବିତ୍ରତା! ପୃଥିବୀରେ ଦିନକୁଦିନ ମାଟି, ପାଣି, ପବନ ଦୂଷିତ ହେଉଥିବାରୁ ଅସନ୍ତୁଳନ ହେଉଛି ତା'ର ପରିବେଶ। ଏଥିଯୋଗୁ ଅସୁସ୍ଥ ହୋଇପଡୁଛି ପ୍ରାଣିଜଗତ। ମାତ୍ର କୌଣସି ପ୍ରାକୃତିକ ବିପର୍ଯ୍ୟୟରେ ହେଉ କି ମହାମାରୀରେ କବଳିତ ହୋଇଥିବା ମଣିଷଙ୍କୁ ଭୋଗିବାକୁ ପଡ଼େ ଅସହ୍ୟ ଦୁଃଖ ଯନ୍ତ୍ରଣା। ଏବେ ସବୁଠି କରୋନା ଭୂତାଣୁର ଭୟ । କାହାରିକୁ ଯେ କେତେବେଳେ ତା'ଅଦୃଶ୍ୟ ମୃତ୍ୟୁପଞ୍ଝାରେ ଝାମ୍ପି ନେବ ଏମିତି ଡର ସମସ୍ତଙ୍କୁ ଘାରୁଛି। ଚାରିଆଡ଼େ ସତର୍କତା, ଘରୁ କେହି ଯେମିତି ପଦାକୁ ବାହାରି ପାରୁନାହାନ୍ତି। ହାଟଘାଟ ସବୁକିଛି ବନ୍ଦ ଓ ଅଚଳ । ହତୁନି ଦୁର୍ଦ୍ଦଶା। ହେଲେ କରୋନା ଭୂତାଣୁଠାରୁ ଦୂରେଇ ରହିବା ପାଇଁ ଏମିତି ସମୟରେ କେତେଜଣ ନିଜର ସୁଖସୁବିଧାକୁ ଭୁଲି ଅନ୍ୟମାନଙ୍କୁ ଯେ ସାହାଯ୍ୟ କରିଥା'ନ୍ତି ତା ନୁହେଁ, ବରଂ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପାଇଁ ସାନିଟାଇଜେଶନ କରି ଦିନରାତି ସମାଜ ସୁରକ୍ଷା ପାଇଁ ଚିନ୍ତା କରିଥାନ୍ତି। ସେମିତି କେତେ ଜଣଙ୍କ ସମ୍ପର୍କରେ...

**ସେବାରେ ଆନନ୍ଦ ମିଳେ:** ଗାଁରେ ବିଭିନ୍ନ ସାମାଜିକ କାର୍ଯ୍ୟ ହେଉ କି ଜନସେବା, ସବୁଥିରେ ସେ ଯୋଗଦେଇ ଖୁସି ହୁଅନ୍ତି। ସେ ହେଲେ ରଣଜିତ୍ ସାହୁ (ରାଜା)। ବୟସ ପ୍ରାୟ ୨୬ ବର୍ଷ ହେବ। ବିଏ ପାସ୍ କରିଛନ୍ତି। ଘର ଖୋର୍ଦ୍ଧା ଜିଲାର ସୋରଣରେ। ସେ କୁହନ୍ତି, ଗାଁରେ ପ୍ରତିଦିନ ସଂଘ ଶାଖାକୁ ଯାଉଥିବାରୁ ଦେଶପ୍ରେମୀ ମହାପୁରୁଙ୍କ ଜୀବନୀ ବିଷୟରେ ଶୁଣୁ। ଯୋଗ, ପ୍ରାଣାୟାମ ଓ ବ୍ୟାୟାମ ଶିଖୁ। ଏମିତିରେ ବିଭିନ୍ନ ସମୟରେ ସଂଘର ପିଲାମାନେ ଆମ ଅଞ୍ଚଳରେ ବିଭିନ୍ନ ସେବାକାର୍ଯ୍ୟ କରିଥାଉ । ବନ୍ୟା, ବାତ୍ୟା ଓ ଘରପୋଡ଼ି ଆଦି ବିପଦ ସମୟରେ ଅସହାୟଙ୍କୁ ଉଦ୍ଧାର କରିବାରେ ସାମିଲ ହୋଇଥାଉ। କଲେଜରେ ଏନ୍ଏସ୍ଏସ୍ ହେଉ କି ନେହେରୁ ଯୁବକେନ୍ଦ୍ରରେ ଯୋଗଦେଇ ବିଭିନ୍ନ ଗଠନମୂଳକ କାର୍ଯ୍ୟ କରିଛି। ଆଗରୁ ମାଗଣା ରକ୍ତଦାନ, ବୃକ୍ଷରୋପଣ, ପରିବେଶ ସୁରକ୍ଷା, ସ୍ୱଚ୍ଛତା ଆଦି କାର୍ଯ୍ୟ କରି ଜନସଚେତନତା କରିଛୁ। ଗତବର୍ଷ ଅର୍ଥାତ୍ ୨୫ ମାର୍ଚ୍ଚ ୨୦୨୦ରେ ମହାମାରୀ କରୋନାର ଆତଙ୍କ ବିଷୟରେ ବିଭିନ୍ନ ମାଧ୍ୟମରୁ ସରକାରଙ୍କ ଜନସଚେତନତାର ନୀତି ସମ୍ପର୍କରେ ଅବଗତ ହେଲୁ। ଏଥିପାଇଁ ଆମେ ସଂଘ ପିଲାମାନେ ଚିନ୍ତାକରି ପ୍ରଥମେ ଗାଁରେ ସ୍ୱଚ୍ଛତା ଓ ବିଶୋଧନ ପାଇଁ ଯୋଜନା କରି ସଞ୍ଚୟ କରି ରଖିଥିବା ନିଜସ୍ୱ ପକେଟ ମନିରେ ମାକ୍ସ କିଣି ଲୋକଙ୍କୁ ବାଣ୍ଟିଥିଲୁ। ୩ଟି ବାଇକ୍‌ରେ ୬ ଜଣ ସାଙ୍ଗ ଚିଲିକା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ସୋରଣ, ଜରିପଡ଼ା, କାଲୁପଡ଼ା ତରାପି, ବରଡ଼ୀ ସମେତ ଟାଙ୍ଗି ବ୍ଲକର ଅନେକ ଗାଁରେ ଘୂରିବୁଲିଲୁ। ସାନିଟାଇଜେଶନ ପାଇଁ ପଦକ୍ଷେପ ନେଇ ପ୍ରଥମେ ବ୍ଲିଚିଂ ଏବଂ ଟେରକ୍ଲିନ ଲିକ୍ୟୁଡିକୁ ପାଣିରେ ଗୋଳାଇ ସ୍ପ୍ରେ-କରି କରୋନା ଭୂତାଣୁଠାରୁ ଦୂରେଇ ରହିବା ପାଇଁ ଜନସଚେତନତା କରି ଆସୁଛୁ। ଏଥିପାଇଁ ସକାଳୁ ସକାଳୁ ବାହାରିପଡୁ। ଘରକୁ ଫେରିଲାବେଳକୁ ସନ୍ଧ୍ୟା ହୋଇଯାଏ। କେହି କେହି ଆମକୁ ଜଳପାନ କରାଇଥା'ନ୍ତି। ଏମିତି ପ୍ରାୟ ୨ ମାସ ଧରି ସାନିଟାଇଜେଶନ ସେବା ଚାଲିଲା। ଏଥିରେ ସନ୍ତୋଷ ସାହୁ, ସୁକାନ୍ତ ବେହେରା, ଦିପୁ ବେହେରା, ନକୁଳ ବେହେରା ଏବଂ ଅନ୍ୟମାନେ ସାହାଯ୍ୟ ଓ ସହଯୋଗ କଲେ। 'ୟାସ୍' ବାତ୍ୟାବେଳେ ଝିପିଝିପି ବର୍ଷା ଓ ଝଡ଼ ପବନକୁ ଖାତିର ନ କରି ଆମ ଅଞ୍ଚଳର ବିଭିନ୍ନ ଗାଁରେ ସାନିଟାଇଜେଶନ କାର୍ଯ୍ୟ କରିବା ସହିତ ବାତ୍ୟା ମୁକାବିଲା ପାଇଁ ଲୋକଙ୍କୁ ନିରାପଦ ରହିବାପାଇଁ ଜନସଚେତନ କରାଇଥିଲୁ। ସମସ୍ତେ କିପରି ସୁରକ୍ଷିତ ରହିପାରିବେ, ଏଥିପାଇଁ ପ୍ରୟାସ ଜାରି ରହିଛି।

**ପ୍ରଥମେ ବିରକ୍ତ ହେଉଥିଲେ, ଏବେ ଖୁସି:** ଥରେ ଗାଁରେ ଜଣେ ପାଗଳି ଅସହାୟ ଅବସ୍ଥାରେ ଘୂରି ବୁଲୁଥିଲା। ସେତେବେଳେ ତାକୁ କିଛି ଲୁଗାପଟା ପିନ୍ଧିବାକୁ ଦେଇଥିଲି। ସେବେଠାରୁ ବିଭିନ୍ନ ସମୟରେ ସେବାକାର୍ଯ୍ୟ ପ୍ରତି ମନରେ ଇଚ୍ଛା ଜାଗ୍ରତ ହୋଇଛି ବୋଲି କୁହନ୍ତି ରିନାରାଣୀ ନାୟକ। ସେ କୁହନ୍ତି, ବାପଘର ଡେଲାଙ୍ଗରେ, ଶାଶୁଘର ଖୋର୍ଦ୍ଧାର ମଳିପଡ଼ାରେ, ମାତ୍ର ରହୁଛୁ ଭୁବନେଶ୍ୱରରେ। କରୋନା କଟକଣା ସମୟରେ ବିଭିନ୍ନ ଜାଗାରେ ସାନିଟାଇଜ୍ କରିବା ପାଇଁ ଚିନ୍ତା ଘାରିଲା। ବିଭିନ୍ନ ବିଶୋଧକ ସାନିଟାଇଜ ଦ୍ରବ୍ୟ କିଣିଥିଲି। ତା'ପରେ ନିଜ ପିଠିରେ ସାନିଟାଇଜର ବ୍ୟାଗ ପକାଇ ଭୁବନେଶ୍ୱରର ବିଭିନ୍ନ ଗଳିକନ୍ଦିରେ ବୁଲି ବୁଲି ସାନିଟାଇଜ୍ କାମରେ ବହୁ ସମୟ ବିତିଯାଏ। ୨୦୨୦ ମାର୍ଚ୍ଚ ୨୭ରୁ ଭୁବନେଶ୍ୱରର କେତେକ ଗଳିକନ୍ଦି ଓ ବସ୍ତିରେ ସାନିଟାଇଜ୍ କରାଯାଇଛି। ପୁଣି ରଣପୁର, ବାଣପୁର ଆଦି କେତେକ ଅଞ୍ଚଳର ସରକାରୀ ଓ ବେସରକାରୀ ଅନୁଷ୍ଠାନର କାର୍ଯ୍ୟାଳୟକୁ ସାନିଟାଇଜ୍ କରିପାରିଛୁ। 'ୟାସ୍' ବାତ୍ୟାର ଝିପିଝିପି ବର୍ଷା ଓ ଝଡ଼ପବନ ବେଳେ ମଧ୍ୟ ଭୁବନେଶ୍ୱରର କେତେକ ଅଞ୍ଚଳକୁ ସାନିଟାଇଜେଶନ୍ କରାଯାଇ ପାରିଛି। ଏମିତିରେ ଗଢ଼ିଥିବା ଏକ ଘରୋଇ ଅନୁଷ୍ଠାନର କେତେଜଣ ସଦସ୍ୟ ଏଥିରେ ସାମିଲ ହୋଇ ସହଯୋଗ କରିଛନ୍ତି। ତେବେ ଘର ଚଳେଇବା ପାଇଁ ମିଳୁଥିବା ଅର୍ଥରୁ କିଛି କିଛି ଅର୍ଥକୁ ସଞ୍ଚୟ କରି ଏଥିରେ ଲୋକଙ୍କ ସେବାରେ ନିୟୋଜିତ କରି ଆନନ୍ଦ ପାଇଥାଏ। ମାତ୍ର ଏଥିଯୋଗୁ ସ୍ୱାମୀ ପ୍ରଥମେ ପ୍ରଥମେ ବିରକ୍ତ ହେଉଥିଲେ, କିନ୍ତୁ ଏବେ ସେ ଏହି କାର୍ଯ୍ୟର ମହତକୁ ବୁଝିପାରିଛନ୍ତି। ସମାଜର ହିତ ପାଇଁ କରୋନା କଟକଣା ସମୟରେ ସାନିଟାଇଜେଶନ କରି ନିଆରା ପରିଚୟ ସୃଷ୍ଟି ହୋଇଛି ।

**ସେବା ପାଇଁ ନିଜ ସହିତ ସଂଘର୍ଷ କରେ:** କରୋନା କଟକଣା ସମୟରେ ଅନେକ ଲୋକ ଭୋକଉପାସରେ ଜୀବନ ବିତାଉଛନ୍ତି। ପୁଣି କରୋନା ସଚେତନତା ପ୍ରତି ସମସ୍ତଙ୍କୁ ସତର୍କ ରହିବାକୁ ହେବ। ଏମିତି ସମୟରେ ଲୋକଙ୍କ ସହଯୋଗ ଓ ସାହାଯ୍ୟରେ ସେ ପ୍ରତିଦିନ ଅନେକ ଭୋକିଲାଙ୍କ ମୁହଁରେ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇଥା'ନ୍ତି। ପୁଣି ସାନିଟାଇଜେଶନ କରୁଛନ୍ତି ବିଭିନ୍ନ ବସ୍ତିଅଞ୍ଚଳକୁ। ସାନିଟାଇଜ୍ କରିବା ପାଇଁ

→













ଏ କନ୍ଦିରୁ ସେ କନ୍ଦିକୁ ଘୂରି ବୁଲିଥା'ନ୍ତି। ସେ ହେଲେ ପ୍ରତାପକୁମାର ସାହୁ, ବୟସ ପ୍ରାୟ ୪୭ ବର୍ଷ ହେବ। ବସ୍ତିବାସିନ୍ଦାଙ୍କ କଥା ହେଉ, କି ଉଠାଦୋକାନୀ କିମ୍ବା କିନ୍ନରମାନଙ୍କ ସମସ୍ୟା କିମ୍ବା ଭୁବନେଶ୍ୱରରେ ଅସହାୟ ଭାବେ ଘୂରି ବୁଲୁଥିବା ଅନେକ ଭିକାରିଙ୍କ ପାଇଁ ଚିନ୍ତା କରିଥା'ନ୍ତି। କେବଳ ସେତିକି ନୁହେଁ, ବୁଲା ପଶୁପକ୍ଷୀଙ୍କୁ ମଧ୍ୟ ସାଧ୍ୟମତେ କିଛି ଖାଦ୍ୟପାଣି ଯୋଗାଇଥା'ନ୍ତି । ଏପରି କି ଖରାଦିନେ ପକ୍ଷୀମାନଙ୍କ ଜଳପାନ ଲାଗି ଗଛରେ ପାଣିହାଣ୍ଡି ବାନ୍ଧିଛନ୍ତି। ସେ କୁହନ୍ତି, ପ୍ରାୟ ୩୫ ବର୍ଷ ତଳେ ଦିନେ ମାହାଙ୍ଗାରୁ ଆସିଥିଲି ଭୁବନେଶ୍ୱର। ସେବେଠାରୁ ସେ ବିଭିନ୍ନ ସମୟରେ ଜନସେବା କାର୍ଯ୍ୟକୁ ଆପଣେଇ ଚାଲିଛି। କରୋନା ମହାମାରୀ ସମୟରେ ଭୂତାଣୁଠାରୁ ଦୂରେଇବା ନିମନ୍ତେ ନିଜର ନିତ୍ୟକର୍ମ ସାରି ସକାଳୁ ସକାଳୁ ବାହାରି ପଡ଼େ। ପିଠିରେ ଏକ ସାନିଟାଇଜର ମେଶିନ ପକାଇ ଭୁବନେଶ୍ୱରର ବିଭିନ୍ନ ଗଳିକନ୍ଦିରେ ଘୂରିବୁଲି ସାନିଟାଇଜ୍ କରିଆସୁଛି। ୨୫ ମାର୍ଚ୍ଚ ୨୦୨୦ ପରଠାରୁ ଲୋକଙ୍କୁ ସାବୁନରେ ହାତଧୋଇବା, ସଫାସୁତୁରା ରହିବା ପାଇଁ ସଚେତନ କରାଇଥିଲୁ। ସତ୍‌ସଙ୍ଗ, ନୀଳାଦ୍ରିବିହାର, ଡୁମୁଡୁମା ଆଦି ବିଭିନ୍ନ ବସ୍ତିଅଞ୍ଚଳ ସମେତ ଘରୋଇ ଓ କେତେକ ସରକାରୀ ଅନୁଷ୍ଠାନରେ ସାନିଟାଇଜ୍ କରିଥାଏ। ଘରେ କୁକୁରମାନଙ୍କ ପାଇଁ ଏକ ବିଶ୍ୱାସର ଗୃହ କରିଛି। ସେହିପରି ଆମ ଗାଁରେ ପ୍ରଥମେ କୃଷକ ମନ୍ଦିରଟିଏ ଗଢ଼ିଛି। ଏଥିପାଇଁ ବିଭିନ୍ନ ମହଲରୁ ବହୁ ପ୍ରଶଂସା ମିଳୁଛି।

**ଘରୁ ଗାଳି, ବାହାରୁ ତାଳି:** କରୋନା ଭୂତାଣୁ ସମ୍ପର୍କରେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାରେ ସମୟ ବିତାଉଛନ୍ତି। ସେ ହେଲେ ଅଞ୍ଜନ ନାଥ, ଘର ଭଦ୍ରକର ତିହିଡ଼ିରେ। ସେ କୁହନ୍ତି, ପ୍ରାୟ ୧୯୯୬ରୁ ଭୁବନେଶ୍ୱରରେ ରହିଆସୁଛି। କରୋନା କଟକଣା ସମୟରେ ବିଭିନ୍ନ ବସ୍ତି ଅଞ୍ଚଳରେ ସାନିଟାଇଜ୍ କରିଆସୁଛି। ସାଲିଆସାହି, ବାପୁଜୀନଗର କାଳିଗଳି ବସ୍ତି, ପାତ୍ରପଡ଼ା ଫୁଲେଶ୍ୱରୀ, ନୀଳପଡ଼ିଆ ବସ୍ତି, ପଥରବନ୍ଧ ଆଦି ଏକାଧିକ ବସ୍ତିରେ ସେବାକାର୍ଯ୍ୟ କରିଥାଏ। ପ୍ରଥମେ ନିଜ ସ୍କୁଟିରେ ଘୂରିବୁଲି ସାନିଟାଇଜେଶନ କରୁଥିଲି, ମାତ୍ର ଏବେ ଏକ କାରରେ ଆବଶ୍ୟକ ସାନିଟାଇଜେଶନ ସାମଗ୍ରୀ ଧରି ସେବା କରୁଛି। ଏଥିପାଇଁ ଘରୁ ଅନେକଥର ଗାଳି ଶୁଣିଛି, ବାହାରୁ ତାଳି। କିନ୍ତୁ ଯିଏ ଥରେ ଲୋକମାନଙ୍କ ଦୁଃଖରେ ସାମିଲ ହୋଇଛି ସିଏ ଏଥିରୁ ସହଜରେ ମୁକୁଳି ପାରେନା। ଗରିବଲୋକଙ୍କୁ ମାଗଣାରେ ଖାଦ୍ୟବାଣ୍ଟିବା ଠାରୁ ଆରମ୍ଭ କରି କରୋନା ସମୟରେ ବିଭିନ୍ନ ଗଳିକନ୍ଦିରେ ଘୂରିବୁଲି ସାନିଟାଇଜେଶନ କରିଥାଏ। ଏମିତିରେ କେତେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସାନିଟାଇଜେଶନ କରିଛି। ସକାଳୁ ସକାଳୁ ଦୁଇଟି ସାନିଟାଇଜେଶନ ମେଶିନ ଧରି ମୈତ୍ରୀବିହାର, ନୟାପଲ୍ଲୀ, ଆଇଆରସି ଭିଲେଜ, ଜୟଦେବବିହାର ଆଦ ଅନେକ ବସ୍ତିରେ ଏପରି ସେବାକାର୍ଯ୍ୟ କରିଥାଏ। ତେବେ ଘରେ ସଙ୍ଗରୋଧ ବ୍ୟକ୍ତିଙ୍କ ନିକଟରେ ଖାଦ୍ୟ ପହଞ୍ଚାଇଥାଏ। ମାଙ୍କଡ଼, ବୁଲାଗାଈଗୋରୁ ଓ କୁକୁର, ବିଭିନ୍ନ ପକ୍ଷୀଙ୍କୁ ବି ଏମିତି ପରିସ୍ଥିତିରେ ଖାଦ୍ୟଦାନା ଦେଇଥାଏ। ଏଥିପାଇଁ ଅନେକେ ପ୍ରଶଂସା କରିଥାନ୍ତି।

**ସଚେତନ ହୋଇ ସଚେତନତା କରୁଛି:** କରୋନା ସମୟରେ କେତେକ ବୁଲା କୁକୁର, ଗାଈ ଓ ପଶୁପକ୍ଷୀଙ୍କୁ ସେ ଖାଦ୍ୟ ଦେଇଥାନ୍ତି। ପୁଣି ସମସ୍ତେ ଭଲରେ ରହିବା ପାଇଁ ସଚେତନତା କରିଥା'ନ୍ତି। +୨ ପଢ଼ିଛନ୍ତି ପୁଣି ଚିତ୍ର କରନ୍ତି। ସେ ହେଲେ କିନ୍ନର ମେନକା ପରିଡ଼ା। ସେ କୁହନ୍ତି, କରୋନା କଟକଣା ସମୟରେ ଚାରିଆଡ଼େ ଡର ଓ ଭୟ। ଏହି ସମୟରେ ନୟାପଲ୍ଲୀ ଅଞ୍ଚଳରେ ପ୍ରଥମେ କେତେକ ଲୋକଙ୍କୁ ମାଗଣାରେ ମାସ୍କ ବଣ୍ଟନ କରିଥିଲି। ତା'ପରେ କିନ୍ନର ଭଉଣୀମାନଙ୍କୁ ସଚେତନ କରାଇ ଗତବର୍ଷ କରୋନା ସମୟରେ ସାନିଟାଇଜେସନ୍ ଅଭିଯାନ କରିଥିଲି। ଏବେ ନିଜେ ପିଠିରେ ସାନିଟାଇଜର ମେଶିନଟିଏ ପକାଇ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ଘୂରି ଭୁଲୁଛି। ସକାଳୁ ସନ୍ଧ୍ୟାଯାଏ ସାନିଟାଇଜ କରିଥାଏ। ନିଜ ଉପାର୍ଜିତ ଅର୍ଥକୁ ଏମିତି ସେବାରେ ଖର୍ଚ୍ଚ କରିଥାଏ। କେବଳ ବସ୍ତି ନୁହେଁ, ଅନ୍ୟ ଯେଉଁ ଅଞ୍ଚଳକୁ ସାନିଟାଇଜ କରିବାକୁ ଡାକିଲେ ବି ସର୍ବଦା ପ୍ରସ୍ତୁତ ରହିଛି। ସମାଜର ସୁରକ୍ଷା ପାଇଁ ସାନିଟାଇଜ କରୁଛି।

**ସେବା ପାଇଁ ପରିଚୟ ସୃଷ୍ଟି ହେଉଛି:** ଅସହାୟ ପଶୁପକ୍ଷୀ ଏବଂ ରୋଗୀଙ୍କ ଚିକିତ୍ସା ପାଇଁ ସେ ସାହାଯ୍ୟ କରିବାରେ ଖୁସି ଅନୁଭବ କରନ୍ତି। ବିଭିନ୍ନ ସମୟରେ ନାନା ପ୍ରକାର ଜନସଚେତନତା କାର୍ଯ୍ୟରେ ସାମିଲ ହୋଇଥାଆନ୍ତି, ସେ ହେଲେ ଶୁଭକାନ୍ତ ସାମଲ। ଘର କେନ୍ଦ୍ରାପଡ଼ା ଜିଲା। ମାତ୍ର ସେ ରୁହନ୍ତି ପତ୍ନୀ ଓ ଝିଅଙ୍କ ସହିତ ଭୁବନେଶ୍ୱର ଝାରପଡା ଅଞ୍ଚଳରେ। ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରି ପରିବାର ଚଳାଇଥା'ନ୍ତି। ସେ କୁହନ୍ତି, ୫ ମାର୍ଚ୍ଚ ୨୦୨୧ଠାରୁ କରୋନା ଭୂତାଣୁଠାରୁ ଦୂରେଇ ରହିବା ଉଦ୍ଦେଶ୍ୟରେ ଜନସଚେତନତା କରିବା ସହିତ ସାନିଟାଇଜେଶନ ଚାଲିଛି। ଏମିତିରେ ଲକ୍ଷ୍ମୀସାଗର, ମଞ୍ଚେଶ୍ୱର, ବାଲିଅନ୍ତା, କଳ୍ପନା ଆଦି କେତେକ ଅଞ୍ଚଳର କେତେକ ଘରୋଇ ଓ ସରକାରୀ ଅନୁଷ୍ଠାନକୁ ସାନିଟାଇଜେଶନ କରିପାରିଛି। ଘରୁ ପ୍ରାୟ ସକାଳ ୬ଟାରୁ ବାହାରିପଡ଼େ ଏବଂ ପ୍ରାୟ ଦିନ ୧୨ଟାରେ ଫେରେ। ଏମିତିରେ ଆଜିଯାଏ ଏଥିରେ ପ୍ରାୟ ୧୦ ହଜାର ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ଏହି କାର୍ଯ୍ୟରେ ବେଳେବେଳେ ସନ୍ତୋଷ ଦାସ, ଦ୍ୱୈତାରି ସେନାପତି, ନିତେଶ ଦୀକ୍ଷିତ୍, ପୁଷ୍ପଲତା ରାଉଳ ପ୍ରମୁଖ ସହଯୋଗ କରିଥା'ନ୍ତି। ପରିବାରର ସହଯୋଗ ରହିଛି। ଏମିତି ସେବା ହିଁ ଈଶ୍ୱରଙ୍କ କାର୍ଯ୍ୟ ବୋଲି ମନେକରିଥାଏ। ତେବେ ସମାଜରେ ଏମାନଙ୍କ ପରି ଆହୁରି ଅନେକ ସଂସ୍ଥା ଓ ବ୍ୟକ୍ତି ବିଭିନ୍ନ ସମୟରେ ବିପଦର ବନ୍ଧୁ ପରି ପାଖରେ ଠିଆ ହୋଇଥାଆନ୍ତି।

**– ବନ ବିହାରୀ ବେହେରା**



ରଣଜିତ୍ ସାହୁ (ରାଜା)



ଅଞ୍ଜନ ନାଥ



ପ୍ରତାପକୁମାର ସାହୁ



ରିନାରାଣୀ ନାୟକ



ଶୁଭକାନ୍ତ ସାମଲ








# ଇମ୍ୟୁନିଟି ପାଇଁ ଆୟୁର୍ବେଦ





**ସୁସ୍ଥ ଜୀବନ ଯାପନ ପାଇଁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ନିହାତି ଦରକାର। ଯେଉଁଥିପାଇଁ ଆୟୁର୍ବେଦର ରହିଛି ଏକ ବିଶେଷ ଭୂମିକା...**

ଭାରତରେ କରୋନାର ସ୍ଥିତି ଏବେ ଭୟଙ୍କର। ଏଥିରୁ ରକ୍ଷା ପାଇବା ପାଇଁ ଆଧୁନିକ ଚିକିତ୍ସା ସହିତ ଆୟୁଷ ଚିକିତ୍ସାର ମଧ୍ୟ ଆବଶ୍ୟକ ରହିଛି। ତୁରନ୍ତ ଚିକିତ୍ସା ବା ଆଶୁ ଚିକିତ୍ସା ପାଇଁ ଆଧୁନିକ ଚିକିତ୍ସାର ଆବଶ୍ୟକତା ରହିଛି। ତେବେ ତା ସହିତ ଏକ ସାଥିରେ ଆୟୁର୍ବେଦକୁ ମଧ୍ୟ ନେଇ ହେବ। ଏବେ କରୋନା ପାଇଁ ଆମେ ପ୍ରଥମେ ଆମ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି, ଯେଉଁଥିରେ ଆୟୁର୍ବେଦର ରହିଛି ଏକ ପ୍ରମୁଖ ଭୂମିକା।



ଏବେ କରୋନା ପାଇଁ ତିନୋଟି ଦିଗ ପ୍ରତି ଧ୍ୟାନ ଦେବା ଦରକାର। ପୂର୍ବାବସ୍ଥା, ମଧ୍ୟବସ୍ଥା ଓ ପରବର୍ତ୍ତୀ ଅବସ୍ଥା। ପୂର୍ବାବସ୍ଥାରେ ରୋଗ ନ ହେବା ପାଇଁ କ'ଣ କରିବା। ମଧ୍ୟବସ୍ଥାରେ ଆକ୍ରାନ୍ତ ହେଲେ କ'ଣ କରିବା ଓ ପରବର୍ତ୍ତୀ ଅବସ୍ଥାରେ ରୋଗରୁ ମୁକ୍ତି ପାଇବା ପରେ କ'ଣ କରିବା।

**ପୂର୍ବାବସ୍ଥା–** ସରକାରୀ ସ୍ୱାସ୍ଥ୍ୟ ପରାମର୍ଶ ଗ୍ରହଣ କରିବା, ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା, ନିଜେ ନିଜର ଚିକିତ୍ସକ ହେବା ନାହିଁ। ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା। ଏହାଛଡା ଆୟୁର୍ବେଦ ଅନୁସାରେ ବି ଚଳିବା ଦରକାର। ଯେମିତିକି ଶୀଘ୍ର ଶୁଅନ୍ତୁ, ଶୀଘ୍ର ଉଠନ୍ତୁ, ଶାରୀରିକ ଶ୍ରମ ଓ ବ୍ୟାୟାମ କରନ୍ତୁ। ଆମର ପାରମ୍ପରିକ ଖାଦ୍ୟ ଖାଆନ୍ତୁ। ସବୁଜ ପନିପରିବା, ମାଛ ମାଂସ ଖାଆନ୍ତୁ। କ୍ଷୀର ଦହି, ଘିଅ ପ୍ରଚୁର ମାତ୍ରାରେ ଖାଆନ୍ତୁ। ଚିନି ବଦଳରେ ଗୁଡ ଖାଆନ୍ତୁ।

ଏହାଛଡା ତୁଳସୀ, ଗୁଳୁଚି, ଯଷ୍ଟିମଧୁ, ଅଁଳା, ଜୁଆଣି, ପାନମଧୁରୀ, ଖଜୁରୀ ଖାଆନ୍ତୁ। ଘରେ ସକାଳେ ସନ୍ଧ୍ୟାରେ ଝୁଣା, ଗୁଗୁଳ ଓ କର୍ପୁର ଧୂଆଁ ଦିଅନ୍ତୁ। ଫଳରେ ଘର ବାହାର ଭୂତାଣୁମୁକ୍ତ ହେବେ। ଝରକା ଖୋଲା ରଖନ୍ତୁ, ଯେପରି ମୁକ୍ତ ବାୟୁ ଚଳାଚଳ କରିପାରିବ।



**ମଧ୍ୟାବସ୍ଥା:** ଏହାକୁ ଆକ୍ରାନ୍ତ ଅବସ୍ଥା କୁହାଯାଏ। କରୋନା ଆକ୍ରାନ୍ତ ହେଲେ ବିଚଳିତ ହୁଅନ୍ତୁ ନାହିଁ। ସରକାରୀ ପରାମର୍ଶ ଅନୁସାରେ ହୋମ୍ ଆଇସୋଲେସନରେ ଯଦି ଚିକିତ୍ସିତ ହେଉଛନ୍ତି ଏବଂ ଶରୀରର ଅକ୍ସିଜେନ୍‌ର ମାତ୍ରା କମିଗଲେ ତୁରନ୍ତ କୋଭିଡ୍ ସେଣ୍ଟରକୁ ଯୋଗାଯୋଗ କରନ୍ତୁ। ତେବେ ଘରେ ରହିବା ସମୟରେ ସମସ୍ତେ କାଢ଼ା ପିଅନ୍ତୁ, ଯୋଗ, ପ୍ରାଣାୟାମ କରନ୍ତୁ। ଯେଉଁମାନେ କ୍ୟାନ୍‌ସର, ଯକୃତ ବିକାର ଗ୍ରସ୍ତ ମଧୁମେହ ରୋଗୀ, ବୃକକ୍ ସମସ୍ୟାଥିବା ରୋଗୀ, ନିମୋନିଆ, ଫୁସଫୁସ ସଂକ୍ରମଣ ରୋଗୀ ଓ ବୟସ୍କ ଲୋକ ଅଧିକ ସତର୍କ ରୁହନ୍ତୁ।

**ପରବର୍ତ୍ତୀ ଅବସ୍ଥା:** କରୋନାରୁ ମୁକ୍ତି ପାଇବା ପରେ ରୋଗୀ ଘରକୁ ଗଲେ ସେମାନେ ଭାବନ୍ତି ସେମାନେ ଆରୋଗ୍ୟ ହେବା ପରେ ଆଉ ବିପଦ ନାହିଁ। ଏହା ଭାବିବା ସବୁଠାରୁ ବଡ ଭୁଲ୍। ସେମାନେ ଅଧିକ ସତର୍କ ରହିବା ଜରୁରୀ। ଏହି ସମୟରେ ଶରୀର ଦୁର୍ବଳ ଥାଏ। ରୋଗ ପ୍ରତିଷେଧକ ଶକ୍ତି କମ୍ ଥାଏ। ତେଣୁ ସହଜରେ ହଜମ ହେଉଥିବା ଖାଦ୍ୟ ଖାଆନ୍ତୁ। ତେଲ ମସଲା ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ନିୟମିତ ବ୍ୟାୟାମ କରନ୍ତୁ।

ଏହି ସମୟରେ ଆୟୁର୍ବେଦ ଚିକିତ୍ସାର ଯଥେଷ୍ଟ ଆବଶ୍ୟକତା ରହିଛି। ଯୋଗ ପ୍ରାଣାୟମ ମଧ୍ୟ କରିବେ।

ଏହି ସମୟରେ ଆୟୁର୍ବେଦ ଚିକିତ୍ସାର ଯଥେଷ୍ଟ ଆବଶ୍ୟକତା ରହିଛି। ଏହି ଚିକିତ୍ସା ସମ୍ପୂର୍ଣ୍ଣ ନିରାପଦ। ଆଧୁନିକ ଚିକିତ୍ସା ସହିତ ଏକ ସଙ୍ଗରେ ଚାଲିବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ମକରଧ୍ୱଜ, ଲକ୍ଷ୍ମୀ ବିଳାସ ରସ, ତ୍ରିଭୁବନକୀର୍ତ୍ତି ରସ, ବ୍ୟାଘ୍ରୀ ହରିତକୀ, ତାଳିସାଦି ଚୂର୍ଣ୍ଣ , ଅମୃତାରିଷ୍ଟ ସୁଦର୍ଶନ ଘନବଟୀ ପ୍ରୟୋଗ କରାଯାଇପାରିବ। ସୁନିଦ୍ରା ପାଇଁ ବ୍ରାହ୍ମୀବଟୀ ସାରସ୍ୱତାରିଷ୍ଟ, ଦୁର୍ବଳତା ଦୂର ପାଇଁ ଦ୍ରାକ୍ଷାରିଷ୍ଟ ପ୍ରୟୋଗ କରାଯାଇଛି। ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆୟୁର୍ବେଦ ଔଷଧ ବ୍ୟବହାର କଲେ ଏହା ଅମୃତ ପରି କାମ ଦେବ। ରୋଗ ଦୂର ହେବା ସଙ୍ଗେ ସଙ୍ଗେ ନିରୋଗ ଜୀବନପାଇପାରିବେ।

**-ଡା. ବାସୁଦେବ ପ୍ରଧାନ**
ବରିଷ୍ଠ ଆୟୁର୍ବେଦ ଚିକିତ୍ସକ
ଭୁବନେଶ୍ୱର, ମୋ:୯୪୩୭୩୦୫୦୪୫







# ଦାସକାଠିଆ ଦେଇଛି ପରିଚୟ



ଦିନ ଥିଲା, ଅବସର ବିନୋଦନର ମୁଖ୍ୟ ମାଧ୍ୟମ ଥିଲା ଲୋକକଳା। ଏହା ଗୋଷ୍ଠୀଗତ ଜୀବନରେ ଖୁବ୍ ପ୍ରଭାବ ପକାଇଥାଏ। ଏଥିରେ ଲୋକଙ୍କ ଜୀବନଚଳଣିର ନିଚ୍ଛକ କଥା ଜାଣିବାକୁ ମିଳେ। କିନ୍ତୁ ସାରା ବିଶ୍ୱରେ ଲୋକଗୀତ ଓ ଲୋକ ସଙ୍ଗୀତର ସ୍ୱତନ୍ତ୍ର ପରିଚୟ ରହିଛି। ମାତ୍ର ସମୟକ୍ରମେ କେତେକ ପାରମ୍ପରିକ ଲୋକକଳାରେ କିଛି ପରିବର୍ତ୍ତନ ହୋଇଥିବାର ଦେଖିବାକୁ ମିଳେ।

ଆଉ କେତେକ ଲୋକକଳା ଏବେ ବିଲୁପ୍ତପ୍ରାୟ। ହେଲେ ଓଡ଼ିଶାରେ ପ୍ରଚଳିତ ପାରମ୍ପରିକ ଲୋକକଳା ଦାସକାଠିଆର ସ୍ୱତନ୍ତ୍ର ଭୂମିକା ରହିଛି। ଏଥିରେ ବିଭିନ୍ନ ପୌରାଣିକ ଓ ଲୋକକଥାକୁ ନେଇ ଗୀତ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଥାଏ। ତେବେ ଦାସକାଠିଆ ମଞ୍ଚରେ ପରିବେଷଣ ହେବା ପୂର୍ବରୁ ଗାୟକ ଓ ବାୟକ ନିଜକୁ ସ୍ୱତନ୍ତ୍ର ବେଶପରିପାଟୀରେ ସଜାଇ ଥା'ନ୍ତି। ଯଶସ୍ୱୀ କବିମାନଙ୍କ ସାହିତ୍ୟକୃତିକୁ ଯଥା- ଛାନ୍ଦ, ଚଉପଦୀ, ଚମ୍ପୂ ଆଦି ବିଭିନ୍ନ ରାଗରେ ଗାୟନ କରିଥା'ନ୍ତି। କିନ୍ତୁ ଏହି ଦାସକାଠିଆ କଳାକୁ ନେଇ ସେ ଜୀବନବ୍ୟାପୀ ସାଧନା ଜାରି ରଖିଛନ୍ତି। ବେତାର, ଦୂରଦର୍ଶନ ଏବଂ ମୁକ୍ତମଞ୍ଚରେ ନିଆରା ପରିଚୟ ସୃଷ୍ଟି କରିଛନ୍ତି। କେବଳ ରାଜ୍ୟରେ ନୁହେଁ, ବରଂ ବାହାର ରାଜ୍ୟରେ ତାଙ୍କ ଦାସକାଠିଆ ପରିବେଷଣରେ କଳାପ୍ରେମୀ ଶ୍ରୋତା ଓ ଦର୍ଶକଙ୍କ ମଧ୍ୟରେ ଭିନ୍ନ ଭାବାବେଗ ସୃଷ୍ଟି ହୋଇଥାଏ। ଏଥିପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ତାଙ୍କୁ ମିଳିଛି କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ। ସେ ହେଲେ ଉପେନ୍ଦ୍ର ପାଣିଗ୍ରାହୀ। ଜନ୍ମ ୧୭.୫.୧୯୪୩ରେ। ପିତା ନୃସିଂହ ପାଣିଗ୍ରାହୀ, ମାତା ସତ୍ୟଭାମା। ଘର ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ଭାଟକୁମଡ଼ା ଅନ୍ତର୍ଗତ ବେଲଗାଁରେ। ସେ କୁହନ୍ତି- ଆମ ଘରେ ମା'ବାପାଙ୍କର ଆମେ ଚାରିପୁଅ, ଜଣେ ଝିଅ। ପିଲାଟି ଦିନରୁ ମାମୁ ଅନନ୍ତ ପାଣିଗ୍ରାହୀଙ୍କ ସହିତ ଲୋକନୃତ୍ୟ ଦେଖିବାକୁ ଯାଏ। ସେତେବେଳେ ଘରେ ବହୁ ଅଭାବ ଅସୁବିଧା ରହିଥିଲେ ମଧ୍ୟ ପାରମ୍ପରିକ ଲୋକକଳା ପ୍ରତି ମୋର ସାଧନା ଜାରି ରହିଲା।

ପ୍ରାୟ ୧୪ ବର୍ଷରୁ ମାମୁଙ୍କ ସହିତ ପାଳିଆଭାବେ ଦାସକାଠିଆ ଶିଖୁଥିଲି। ସେତେବେଳେ ଗାଁ ସ୍କୁଲରେ ୭ମ ଯାଏ ପଢ଼ିଥିଲି । ସମୟକ୍ରମେ ମାମୁଙ୍କ ପରେ ଏହି କଳାକୁ ବଞ୍ଚାଇରଖିଛି। ଦାସକାଠିଆରେ ବିଶେଷକରି ହରଣ, ମରଣ, ଶରଣ ପ୍ରସଙ୍ଗ ରହିଥାଏ। ଯଥା- ଚନ୍ଦ୍ରକଳା ହରଣ, ରାବଣ ମରଣ, ବିଭୀଷଣ ଶରଣ। ଅଧିକାଂଶ ରାମଚନ୍ଦ୍ରଙ୍କ ବିଭିନ୍ନ ପ୍ରସଙ୍ଗକୁ ନେଇ ଗାୟନ କରିଥାଉ। ଦାସକାଠିଆରେ ଦୁଇଜଣ କଳାକାର ପରିବେଷଣ କରିଥା'ନ୍ତି। ଜଣେ ଗାୟକ ଆଉ ଜଣେ ବାୟକ। – ବୈଦେହୀଶ ବିଳାସରେ ଏକଚାଳିଶତମ ଛାନ୍ଦରେ ଏକବିଂଶତମ ପଦରେ ଦାସକାଠିଆ କଥା ବର୍ଣ୍ଣନା ରହିଛି। ପୁରାଣ କଥାକୁ ଗୀତ ଆକାରରେ ଗାଇ ଲୋକଙ୍କୁ ବୁଝାଉଥିଲୁ। ରାମାୟଣ, ମହାଭାରତ ଆଦି ପୁରାଣ ଶାସ୍ତ୍ରର ଏବଂ କବିମାନଙ୍କ ବିଭିନ୍ନ ଲେଖାକୁ ନେଇ ଗାୟନ କରିଥାଉ। ଆଦିକବି ସାରଳା ଦାସ, ପ୍ରକୃତି କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ଭକ୍ତକବି ଦୀନକୃଷ୍ଣ ଦାସ, ସାଲବେଗ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସଙ୍କ ସମେତ ବହୁ ପ୍ରତିଭାବାନ୍ କବିଙ୍କ ସାହିତ୍ୟକୃତିକୁ ଦାସକାଠିଆ ମାଧ୍ୟମରେ ପ୍ରଚାର କରାଯାଇଥାଏ। ବିଭିନ୍ନ କାବ୍ୟ କବିତାକୁ ଗାଇଥାଉ। ମଞ୍ଚକୁ ଗଲେ ବାହାର ଜଗତଠାରୁ ବିଚ୍ଛିନ୍ନ ହୋଇପଡ଼େ। ଜୀବନରେ ଅନେକ ସ୍ଥାନକୁ ଯିବାବେଳେ ବହୁ ବାଟ ଚାଲିବାକୁ ପଡ଼ିଛି। ରାତ୍ରିଯାପନ ପାଇଁ କାହାର ବାରଣ୍ଡାରେ ବି ସମୟ କଟାଇଛୁ। କିନ୍ତୁ କଳାକାର କେବେ ଭୋକରେ ରହି ନ ଥାଏ। ଓଡ଼ିଶାର ପ୍ରାୟ ୬୬୫ ଗ୍ରାମ ପଞ୍ଚାୟତର ବହୁ ଗ୍ରାମକୁ ଯାଇଛି। ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ଦାସକାଠିଆ ପରିବେଷଣ କରିସାରିଲାଣି। ଏଯାଏ ୨୦ଦଳ ଦାସକାଠିଆ ଶିଷ୍ୟ ଶିକ୍ଷା ପାଇଛନ୍ତି। ରାଜ୍ୟରେ ପ୍ରାୟ ୨୦୦ ଦାସକାଠିଆ ଦଳ ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୦୦ ଦଳ ସୁପ୍ତ ରହିଛି। ଏବେବି ଚାଲିଛି। କିନ୍ତୁ ଦିଲ୍ଲୀ, ବମ୍ବେ, ପୁଣେ, ଅହମ୍ମଦାବାଦ, ସୁରଟ, ଆଲ୍ଲାହାବାଦ ଏବଂ ଉତ୍ତର ପ୍ରଦେଶର କେତେକ ସ୍ଥାନକୁ ଯାଇଛୁ ବହୁ ସମ୍ମାନ ମିଳିଛି। ଭାରତ ସରକାରଙ୍କ ସଂଗୀତ ନାଟକ ବିଭାଗର ସ୍ୱୀକୃତି ମିଳିଛି। ଆକାଶବାଣୀର ଏ ଗ୍ରେଡ୍ କଳାକାର, ୨୦୧୧ରେ ସଂଗୀତ ନାଟକରୁ ପୁରସ୍କୃତ ହୋଇଥିଲି। ୨୦୧୧ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ସାହିତ୍ୟ ସମ୍ମାନ ମିଳିଛି। ପୁରୀରୁ ଗାୟକଭୂଷଣ, ଗାୟକ ରସନିଧି ଏମିତି ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ପୁରସ୍କାର ଓ ପ୍ରମାଣପତ୍ର ମିଳିଛି। ୨୦୧୮-୧୯ବର୍ଷ ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ମିଳିଛି। ଏବେ ନିଖିଳ ଉତ୍କଳ ଦାସକାଠିଆ ସଂଘର ସଭାପତି ରହିଛି। ପ୍ରାୟ ୭ ଦଶନ୍ଧି ଧରି ଏଥିରେ ଜୀବନ ବିତାଇ ସାରିଲାଣି। କିନ୍ତୁ କଳାକାର କେବେ ଭୋକରେ ରହି ନ ଥାଏ। ଆଗରୁ ଲୋକମାନେ ଲୋକକଳାକୁ ମଞ୍ଚରେ ବେଶୀ ଆଦର କରୁଥିଲେ। ଏବେ ଟିଭିଓ ମୋବାଇଲରେ ଦେଖୁଛନ୍ତି। ଏବେ ପରିବାର କହିଲେ ମୋ ପତ୍ନୀ, ଗୋଟିଏ ପୁଅ, ୪ ଝିଅ ଅଛନ୍ତି । ମୋର ଦାସକାଠିଆ ଲୋକକଳା ପାଇଁ ପରିବାରରେ ମୋର ସ୍ୱତନ୍ତ୍ର ସ୍ଥାନ ରହିଛି। ଏବେ ଉତ୍କଳର ଦାସକାଠିଆ ଶୀର୍ଷକ ଏକ ପୁସ୍ତକ ରଚନା କରିଛି।

– ବନବିହାରୀ











# ଝର୍କା ସେପାଖର ଆକାଶ

**–ଓଁ ଅଭିଜ୍ଞାନ ସାହୁ**

ଗୁରୁତର ବେମାରକୁ ଧରି ଦୁହେଁ ନର୍ସିଂହୋମକୁ ଆସିଥିଲେ। ପାଖାପାଖି ଖଟିଆ ମିଳିଥିବା କାରଣରୁ ଦୁହେଁ ଗପିବାର ସୁଯୋଗ ପାଇଲେ। ଦୁଃଖସୁଖ ପରସ୍ପର ହେଉ ଅନ୍ତରଙ୍ଗ ବନ୍ଧୁ ହେଲେ। 'ମଇତ୍ର' ବୋଲି ଡକାଡକି ହେଲେ।

ସେମାନଙ୍କ ଖଟିଆ ପାଖାପାଖି ଝର୍କାଟିଏ ଥାଏ। ଗୋଧୂଳି ସମୟରେ ସେ ଦୁହେଁ ଝର୍କା ଖୋଲନ୍ତି। ବାହାରକୁ ଚାହିଁରହି ଆଖପାଖରେ ଫୁଲ ବଗିଚା, ଘାସ ପଡ଼ିଆ, ବଡ଼ ବଡ଼ ସୁନ୍ଦରଗଛ, ଗଛରେ ବସୁଥିବା ଚଢ଼େଇମାନଙ୍କ କଥା ଭିତରେ ଯୁବକ ହୁଅନ୍ତି। ପଡ଼ିଆରେ ପିଲାଙ୍କ ଦୁଷ୍ଟାମି, ବଗିଚାରେ ହସିଲା ଫୁଲ, ଗୁଣ୍ଡୁଚିମାନଙ୍କ ଡିଆଁକୁଦା ବିଷୟରେ କଥା ଶିଶୁ ଭଳି ହୁଅନ୍ତି। ରୋଗରେ ପଡ଼ିଥିବା ରୋଗୀ ସାଙ୍ଗକୁ ଜଣେଇ ଦିଅନ୍ତି ଯେ ପୃଥିବୀ ଯନ୍ତ୍ରଣା ଥାଇ ବି ସୁନ୍ଦର। ସେହି ପୃଥିବୀରେ ସେମାନଙ୍କୁ ଖୁସିରେ ବଞ୍ଚିବାର ଅଛି। ରାତିରେ ଝର୍କା ବନ୍ଦ କରି ନର୍ସ ଚାଲିଗଲା ପରେ ଦୁହେଁ ଆଖି ମୁଦି ଘରକୁ ହୁଏତ ଝୁରି ହୁଅନ୍ତି କାରଣ ଦୁହେଁ ଉଠିଲା ଯାଏ ନୀରବ ରୁହନ୍ତି। ନର୍ସମାନେ ଆସି ଝର୍କା ଖୋଲି ସକାଳକୁ ଘର ଭିତରକୁ ଡାକନ୍ତି। ରୋଗୀମାନଙ୍କୁ ଇଞ୍ଜେକ୍ସନ ଦିଅନ୍ତି। ପଢ଼ିବାକୁ ଖବରକାଗଜ ଦିଅନ୍ତି। ଖବର ପଢୁ ପଢୁ ଦୁଇ ସାଙ୍ଗ ବୁଦ୍ଧିଜୀବୀ ହୁଅନ୍ତି।

ପରିବାରରୁ ଲୋକ ମଝିରେ ମଝିରେ ଆସନ୍ତି। ସେମାନଙ୍କ ଲମ୍ବା ବେମାରୀରେ ଔଷଧ, ଡାକ୍ତରୀ ସରଞ୍ଜାମର ତାଲିକାରେ ଟଙ୍କାର ଲମ୍ବା ତାଲିକା ଯୋଡ଼ି ଦୁଇ ସାଙ୍ଗଙ୍କୁ ଦୁଃଖରେ ଘାଇଲା କରନ୍ତି। ସେମାନେ ଗଲା ପରେ ଘରର ହିସାବପତ୍ରର ଦୁନିଆଠାରୁ ନର୍ସିଂହୋମ ଭଲ ବୋଲି ନିଜ ନିଜ ଭିତରେ କୁହାକୁହି ହୁଅନ୍ତି।

ଦିନେ ସକାଳୁ ନର୍ସ ଉଠି ଖବରକାଗଜଟା ଧରି ଝରକା ପାଖ ଖଟିଆରେ ଶୋଇଥିବା ବନ୍ଧୁଙ୍କୁ ଇଞ୍ଜେକ୍ସନ ଦେବାକୁ ଯାଇ ଦେଖିଲେ ସେ ନିଶ୍ଚଳ ହୋଇ ପଡିଛନ୍ତି। ଡାକ୍ତର ପରୀକ୍ଷା କରି କହିଲେ ଯେ ରାତିରେ ଶୋଇଥିବା ଅବସ୍ଥାରେ ତାଙ୍କ ଜୀବନ ଚାଲିଯାଇଛି।

ଏକ ଅସମ୍ଭବ ନୀରବତା ଖେଳିଗଲା ସେହି ବଖରା ଭିତରେ ଥିବା ଅନ୍ୟ ସବୁ ରୋଗୀମାନଙ୍କ ଭିତରେ। ସାଙ୍ଗ ଛେଉଣ୍ଡ ବନ୍ଧୁ ଜଣକ ଯିଏ କି ଅଧିକ ଗପୁଥିଲେ ବିଷଣ୍ଣ ରହିଲେ କିଛି ଦିନ। ଝର୍କା ଦେଇ ବାହାର ଦୁନିଆକୁ ଦେଖିବାର, ଖୁସି ହେବାର କେହି ଦେଖିଲେନି। ଖାଇବା, ପିଇବା ଛାଡ଼ି ମୂକ ପ୍ରାୟ ରହିଲେ। ଡାକ୍ତରମାନେ ଆଶା ଛାଡିଦେଲେ। ଖବର ଦେଲେ ତାଙ୍କ ଘର ଲୋକଙ୍କୁ। ଡିସଚାର୍ଜ ହେବା ଦିନ ଛୋଟ ଛୁଆଟିଏ ତା' ବାପାର ହାତ ଧରି ଆସିଲା ସେହି ୱାର୍ଡକୁ। କ'ଣ ଭାବିଲା କେଜାଣି ଆଉଜା ଥିବା ଝର୍କାକୁ ଖୋଲି ପକେଇଲା ତା'ର କୁନି କୁନି ହାତରେ। କହିଲା ,''କେଡ଼େ ଅନ୍ଧାରୁଆ ଲାଗୁଚି ଘର ! ଝର୍କା ଖୋଲା ରହିଲେ ସିନା ଆଲୁଅ ଆସିବ, ଆକାଶ ଦିଶିବ।'' ଖାଲି ପଡିଥିବା ଖଟିଆ ଉପରେ ଚଢ଼ି ଝର୍କା ବାଟେ ବାହାରକୁ ଚାହିଁ କହିଲା ,''ଏଇ ଜାଗାରୁ ଆକାଶ , ଫୁଲ , ଗଛ, ଚଢ଼େଇ ଭଲ ଲାଗେ ନା ଜେଜେ ? ତୁମେ ଘରକୁ ଗଲେ ଆମେ ଦୁହେଁ ମିଶିକି ଦେଖିବା।''

ମେଘ ରାତିରେ ବିଜୁଳି ଗାରେ ଭଳି ବହୁଦିନ ମୂକ ପାଲଟି ଯାଇଥିବା ମଣିଷଟିର ମୁହଁରେ ହସ ଖେଳିଗଲା। ପିଲାଟିକୁ ଛାତିରେ ଜାକି କହିଲେ , 'ତୁ ମୋର ମଇତ୍ର ?' ଛାତିରେ ସେମିତି ଆଉଜି ପୁଅଟି କହିଲା ,''ହଁ , ଜେଜେ। ଆଇ ମିନ୍ ତୁମ ବେଷ୍ଟ ଫ୍ରେଣ୍ଡ। ତୁମକୁ ଘରକୁ ନେବାପାଇଁ ବାବାଙ୍କ ସହ ଆସିଛି ପରା !''

*–ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ:୯୪୩୭୦୧୦୭୫୮*

## ଲୁହ

**–ଡ.ସୁରେଶ ନାୟକ**

ମୁଁ ଥାଏ
ଆମ ଭଲପାଇବାର ହତ୍ୟାର
ଯୋଜନା ବେଳେ।
ନ ଥାଏ କି
ଟଳମଳ ତୋ ଆଖିରେ
ଯେବେ ତୁ ମୋର ପ୍ରଚୁର
ଲୋଡ଼ିବାପଣରେ ବିଭୋର
ସାନ୍ଦ୍ର, ନୀର।

ଅନେକ କୋଳାହଳର ତଣ୍ଟି ଚିପି
ଚୁପ୍ କରାଇଥିବା ହାତଟି
କା'ର ଥାଏ, ଯଦି ମୋର ନୁହେଁ!

ତୋ ଏକଲା ବେଳେ
ପବନର ଆଲିଙ୍ଗନ ହୋଇ
ମୁହିଁ ବେଢ଼େଇ ହୋଇଯାଉଥାଏ
ତୋ ଦେହ ଚାରିକଡ଼େ।
ତୁ ଦେଉଳ ଭିତରେ ହାତ ଯୋଡ଼ି
ନତମସ୍ତକ ହୋଇ ଠିଆହୋଇ
ପଡ଼ିଥିଲା ବେଳେ
ଈଶ୍ୱର ସାମ୍ନାରେ
କେଉଁ ଅରକ୍ଷିତ ପିଲାର କାନ୍ଦ ହୋଇ ମୁଁ
ଘୁମାଇ ପଡ଼ିଥାଏ ବେଢ଼ାରେ।

ମୋ' ଭଳି ନ ହୋଇ ପାରିବାର
ଦୁଃଖ ହୋଇ
ପାହାଡେଇ ଯାଉଥାଏ ମୁଁ।
ମୋ ପିଠିରେ ହାତୁଡି ପରେ
ହାତୁଡି ପିଟି
ଭାଙ୍ଗି ଭାଙ୍ଗି ଭାଙ୍ଗି
ମୋର ପରସ୍ତ ପରସ୍ତ ଆବରଣ
ଖେଳାଇ କେଳାଇ କୋରି ବିଦାରି
କିଏ ଖୋଜୁଥାଏ ବିଭବ,
କେଉଁ ମାୟାବିନୀ ଐନ୍ଦ୍ରଜାଲରେ ମୁଁ
ବଦଳୁଥାଏ ମୁହୂର୍ତ୍ତ ମୁହୂର୍ତ୍ତ।

ଯେବେ ତୁ ନ ଥାଉ, କେହି ନ ଥାଏ
ଆଖ ପାଖରେ ଦୂର ଦୂର ଯାଏଁ
ମୁଁ ହିଁ ତ ଥାଏ କାକର ବୁନ୍ଦାଏ ହୋଇ
ଖରାର ଆଁରେ
ଶେଷ ସୂର୍ଯ୍ୟର ଶୋଷ ମେଣ୍ଟାଇବାରେ।

*–କ୍ରିଷ୍ଣାନଗର, ପୁଡୁଚେରୀ*
*୯୦୪୩୦୮୭୪୫୬*

## ମେଘମଂଗଳ

**–ପବିତ୍ର ମୋହନ ଦାଶ**

ଖରୁଡ଼ି ବିହନର ପ୍ରାର୍ଥନା
ଆର୍ଦ୍ରତା ହୋଇ ଜମେ ସମୁଦ୍ର
ଉପରେ
ଫଟାମାଟିର ବ୍ୟାକୁଳତା
ଆଶୀର୍ବାଦ ହୋଇ ଧକ୍କା ଖାଏ
ପର୍ବତ କାନ୍ଥରେ।
ଦରପୋଡା ଜଙ୍ଗଲର ସବୁଜିମା ସ୍ୱପ୍ନ
ବିନ୍ଦୁ ବିନ୍ଦୁ ଜମେ ଆକାଶରେ,
ନଈର ଗର୍ଭିଣୀ ହେବାର ଇଚ୍ଛା
ଝରିପଡ଼େ ମୂଷଳଧାରାରେ।
ରଙ୍ଗମାନଙ୍କ ଉଲ୍ଲାସ
ଝଟକି ଉଠେ ମୟୂର ପୁଚ୍ଛରେ,
ରସମାନଙ୍କ ମିଶିଯିବାର ଇଚ୍ଛା
ତରଳି ଇଡ଼ି ଚାଲେ ମୁହାଣ ମୁହେଁ
ମରିଥିବା ଗୀତମାନେ
ଜିଇ ଉଠନ୍ତି ଝରଣା ରୂପରେ,
ଅସାଧିତ ରାଗ କେତେ
ଆନ୍ଦୋଳି ହୁଅନ୍ତି ବାତ୍ୟାବିଳାସରେ।

ଏ ମେଘର କରୁଣା ଟୋପାଏ
ପଡିବ କି ମୋ ମରୁଭୂମିରେ ?

*–ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ*
*ବାଲିପୁଟ , ପୁରୀ*
*୯୪୩୭୨୦୭୫୪୮*

# ସବୁ ପ୍ରଶଂସକଙ୍କ ପାଇଁ


ଟାଇଗର

ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ । ମାତ୍ର ବର୍ଷ କେଇଟାରେ ହିନ୍ଦୀ ସିନେମା ଜଗତରେ ନିଜକୁ ଜଣେ ଦକ୍ଷ ଅଭିନେତା ଭାବରେ ପ୍ରତିପାଦିତ କରପାରିଛନ୍ତି । ଅନ୍ୟତମ ଲୋକପ୍ରିୟ ଅଭିନେତା ଜ୍ୟାକି ଶ୍ରଫଙ୍କ ଏହି ସୁପୁତ୍ରଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ‘ହେରୋପନ୍ତୀ’ । ଟାଇଗର ଇତି ମଧ୍ୟରେ ବଲିଉଡ୍‌ରେ ସାତ ବର୍ଷ ପୂରଣ କରିଛନ୍ତି । ଏହି ଲମ୍ବା ଅଭିନୟ ଜୀବନ ଏବଂ ତାଙ୍କର ସଫଳତାର ସମସ୍ତ ଶ୍ରେୟ ସେ କାହାକୁ ଦେଇଛନ୍ତି ଜାଣନ୍ତି ? ତାଙ୍କର ଅଗଣିତ ପ୍ରଶଂସକଙ୍କୁ । ଏ ସମ୍ପର୍କରେ ସେ କହନ୍ତି, ‘ଆଜି ମୁଁ ଯେଉଁଠି ଠିଆ ହୋଇଛି ସେଥିପାଇଁ ଦାୟୀ ହେଉଛନ୍ତି ମୋ ପ୍ରଶଂସକ । କାରଣ ସେମାନଙ୍କର ଭଲ ପାଇବା ପାଖରେ ମୁଁ ଚିରଋଣୀ । ମୋ ଅଭିନୟକୁ ସେମାନେ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ପାଇଁ ଆଜି ମୁଁ ଏହି ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛି ।’ ଟାଇଗରଙ୍କ ପ୍ରଥମ ସିନେମା ବକ୍ସ ଅଫିସରେ ରେକର୍ଡ କରିବା ସହ ରାତାରାତି ସେ ନାୟକ ଦୌଡରେ ନିଜକୁ ସାମିଲ କରାଇବାରେ ସକ୍ଷମ ହୋଇଥିଲେ । ବର୍ତ୍ତମାନ ତାଙ୍କ ଅଭିନୀତ ‘ହେରୋପନ୍ତୀ-୨’ ଚଳିତ ବର୍ଷ ଡିସେମ୍ବର ୩ରେ ରିଲିଜ ହେବାର ଯୋଜନା ରହିଛି । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ତାରା ସୁତାରିଆ ।

# ମ୍ୟୁଜିକ୍ ପ୍ରେମରେ ପ୍ରାଚୀ


ପ୍ରାଚୀ

ନବାଗତା ପ୍ରାଚୀ ଚୌଧୁରୀ । ନିଜର ପ୍ରଥମ ସିନେମାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । ଇତି ମଧ୍ୟରେ ସେ ମ୍ୟୁଜିକ୍ ପ୍ରେମରେ ପଡିଯାଇଛନ୍ତି । ସତେ ଯେମିତି ମ୍ୟୁଜିକ ତାଙ୍କ ପାଇଁ ସବୁକିଛି । ହେଲେ ଏ ବିଷୟରେ ବିଷଦ ଭାବରେ ଜାଣିବା ପୂର୍ବରୁ ଗୋଟିଏ କଥା ସୂଚାଇ ଦେବା ଠିକ୍ ହେବ । ପ୍ରାଚୀଙ୍କୁ ଏପରି ଏକ ଭୂମିକାଟିଏ ମିଳିଛି ରିଲିଜ ଅପେକ୍ଷାରେ ଥିବା ଓଡିଆ ସିନେମା ‘ପଲ୍ ପଲ୍ ତତେ ଚାହେଁରେ । ଏଥିରେ ତାଙ୍କୁ ମିଳିଥିବା ଭୂମିକାଟି ହେଲା ‘ସାଗରିକା’ । ସାଗରିକା ଜଣେ ମ୍ୟୁଜିକ୍ କଲେଜର ଛାତ୍ରୀ । ହେଲେ ଏହି ସଙ୍ଗୀତ ଶିଖିବା ମଧ୍ୟରେ ସେ ଜଣକ ପ୍ରେମରେ ପଡିଯାଇଛି । ଆଉ ତା’ପରେ ଏକ ସମାନ୍ତରାଳ ଗତିପଥରେ ତାକୁ ଚାଲିବାକୁ ପଡିଛି । ତେବେ ସଙ୍ଗୀତ ପାଇଁ ଜୀବନକୁ ଉତ୍ସର୍ଗ କରିଦେଇଥିବା ସାଗରିକା ନିଜ ପ୍ରେମକୁ ସଫଳ କରିପାରୁଛି ତ ? ଏହାର ଉତ୍ତର ରହିଛି ଉକ୍ତ ସିନେମାରେ । ତନୁଜା ସିନେ ପ୍ରଡକ୍ସନ ବ୍ୟାନରରେ ଅଭିନେତା ଦୀପକ କେବଳ ଏହାର ପ୍ରଯୋଜନା କରିନାହାନ୍ତି ବରଂ ଏଥିରେ ସେ ପ୍ରାଚୀଙ୍କ ଅପୋଜିଟ୍‌ରେ ନାୟକ ମଧ୍ୟ ସାଜିଛନ୍ତି । ଏହାପୂର୍ବରୁ ପ୍ରାଚୀ ରଜ କୁଇନ-୨୦୧୮ରେ ଅଂଶଗ୍ରହଣ କରିଥିଲେ । ତେବେ ନିଜର ପ୍ରଥମ ସିନେମାରେ ସେ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ସେହି ପନ୍ଦର ଦିନ..


‘ରାଧେ : ଇୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ’ ଚଳଚ୍ଚିତ୍ରରେ ସଲମାନ୍

ଚଳିତ ବର୍ଷ ମେ ’ ୧୩ରେ ସଲମାନ୍ ଅଭିନୀତ ‘ରାଧେ : ଇୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ’ ଓଟିଟି ଫର୍ମାଟରେ ମୁକ୍ତିଲାଭ କରିଛି । ଏହି ଫିଲ୍ମର ପ୍ରାକ୍ ପ୍ରସ୍ତୁତି ସମୟରେ ଏକ ଘଟଣାକୁ ଭୁଲିପାରୁନାହାନ୍ତି ସଲମାନ୍ ଖାଁ । ଆକ୍ସନଭିତ୍ତିକ ଏହି ସିନେମାର ଆକ୍ସନ ସିକ୍ୱେନ୍ସକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେଥିପାଇଁ ଏକ ୧୫ ଦିନିଆ ଆକ୍‌ସନ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା । ଏହି ଫିଲ୍ମର ଆକ୍ସନ ଟିମ୍ ଏବଂ କୋରିଆରୁ ଆସିଥିବା ଏକ ଟ୍ରେନର ଗ୍ରୁପ୍ ଏପରି କାମରେ ନିୟୋଜିତ ଥିଲେ । ଏ ସମ୍ପର୍କରେ ଉକ୍ତ କ୍ୟାମ୍ପ୍‌ର ନେତୃତ୍ୱ ନେଉଥିବା ଆକ୍ସନ ମାଷ୍ଟର ଗୌତମ ଗୁଲାଟି କହନ୍ତି, ‘ମୋର ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ଆକ୍ସନ ଉପରେ ପାଖାପାଖି ୩୫ ବର୍ଷର ଅଭିଜ୍ଞତା ରହିଛି । ହେଲେ ଏଭଳି ଟ୍ରେନିଂ କ୍ୟାମ୍ପ ମୁଁ କେବେ ଦେଖି ନ ଥିଲି । ବିଶେଷ ଭାବରେ ଟ୍ରେନିଂ ସମୟରେ ସଲମାନ୍‌ଙ୍କ ଆଗ୍ରହ ଏବଂ ପରିଶ୍ରମକୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ । ଆମର ଟିପ୍ସକୁ ସେ ବେଶ୍ ଧ୍ୟାନର ସହ ଶୁଣୁଥିଲେ ଏବଂ ଯେତେବେଳେ ଶୁଟିଂ ହେଲା, ସେତେବେଳେ ତାଙ୍କର ଆକ୍ସନ ଶଟ୍ ଦେଖି ମୁଁ ନିଜେ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ଏପରି କି ଏଭଳି ଶଟ୍ ଦେବାକୁ ସେ ମାତ୍ର କେଇଟା ମିନିଟ୍ ମଧ୍ୟରେ ନିଜକୁ ପ୍ରସ୍ତୁତ କରିନେଉଥିଲେ ।’ ଏ ନେଇ ସଲମାନ୍ ମଧ୍ୟ ଦି ପଦ କହିବାକୁ ପଛାଇ ନାହାନ୍ତି । ‘ଏପରି ଆକ୍ସନ ଟ୍ରେନିଂ କ୍ୟାମ୍ପ ମୋ ଜୀବନରେ ସ୍ମରଣୀୟ ହୋଇ ରହିବ ବୋଲି କହନ୍ତି ବଲିଉଡ୍‌ର ଏହି ଅନ୍ୟତମ ଲୋକପ୍ରିୟ ଅଭିନେତା । ସଲମାନ୍‌ଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ନାମୀ କୋରିଓଗ୍ରାଫର କମ୍ ଡାଇରେକ୍ଟର ପ୍ରଭୁ ଦେବା ।

# ବିଶ୍ୱାସ କରିପାରୁନାହାନ୍ତି ସାରା


ସାରା

ସାରା ଅଲ୍ଲୀ ଖାଁ ଏବେ ଗୋଟିଏ କଥାକୁ ଆଦୌ ବିଶ୍ୱାସ କରିପାରୁନାହାନ୍ତି । କାରଣ ତାଙ୍କ ଡ୍ରିମ୍ ଫିଲ୍ମଟି ଯେ ତାଙ୍କୁ ଏତେ ଶୀଘ୍ର ମିଳିଯିବ ତାହା ସେ କେବେ କଳ୍ପନା କରି ନ ଥିଲେ । କଥା କ’ଣ କି, ପୌରାଣିକ କଥାବସ୍ତୁ ଉପରେ ଆଧାରିତ ସିନେମାରେ ଅଭିନୟ କରିବାକୁ ସେ ଚାହିଁ ବସିଥିଲେ । ଆଉ ନିକଟରେ ତାହା ପୂରଣ ହୋଇଛି । ଫିଲ୍ମଟି ହେଲା ‘ଦ ଇମୋର୍ଟାଲ ଅଶ୍ୱସ୍ଥମା’ । ରୋନି ସ୍କ୍ରୱାଲାଙ୍କ ଦ୍ୱାରା ପ୍ରଯୋଜିତ ଏହି ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିବେ ଭିକି କୌଶଲ । ଆକ୍ସନ-ପ୍ୟାକ୍‌ଡ ଉକ୍ତ ସିନେମାର ଶୁଟିଂ ଚଳିତବର୍ଷ ସେପ୍ଟେମ୍ବରରୁ ଆରମ୍ଭ ହେବାର ଯୋଜନା ରହିଛି । ଅନ୍ୟପକ୍ଷରେ ଏହା ୨୦୨୩ରେ ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ । ଏ ଫିଲ୍ମ ସମ୍ପର୍କରେ ସାରା କହନ୍ତି, ‘ଯାହା ହେଉ ମୋର ଅଭିନୟ ଜୀବନର ଏକ ବଡ ଆଶା ପୂରଣ ହୋଇଛି । କେବେ ମୋତେ ଏକ ପୌରାଣିକ ସିନେମାରେ ଅଭିନୟ କରିବାକୁ ସୁଯୋଗ ମିଳିବ ତାହାକୁ ମୁଁ ଅପେକ୍ଷା କରିଥିଲି । ତାହା ନିକଟରେ ପୂରଣ ହୋଇଛି । ଏଥିପାଇଁ ମୁଁ ପ୍ରଯୋଜନା ସଂସ୍ଥାକୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ । ସତ କଥା କହିବାକୁ ଗଲେ, ଏପରି ସୁଯୋଗ ଭାଗ୍ୟରେ ଥିଲେ ମିଳେ । ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ସୂଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରିବି ।’ ଏହି ଫିଲ୍ମର ପାଞ୍ଚ ମାସବିଶିଷ୍ଟ ଶୁଟିଂ ପ୍ରଥମେ ୟୁରୋପରେ ହେବାର ଥିଲା । କିନ୍ତୁ ଏବେ ଏହାର ଲୋକେସନ ପରିବର୍ତ୍ତନ କରାଯାଇଛି ଏବଂ ଶୁଟିଂ ଆମେରିକା, ଆଇସଲ୍ୟାଣ୍ଡ ଏବଂ ଭାରତରେ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

# କଥା ରଖିଲେ କରୀନା


କରୀନା

ସତରେ, ନାୟିକା ହେବ ଏମିତି । ଦେଖୁନାହାନ୍ତି, ଶୁଟିଂ ସମୟରେ ସେ ଯେଉଁ କଥା ଦେଇଥିଲେ ତାହାକୁ ଦିନ କେଇଟା ମଧ୍ୟରେ କେମିତି ପୂରଣ କରିଛନ୍ତି । ସେ ହେଲେ କରୀନା କପୁର । ତାଙ୍କ ଅଭିନୀତ ନିର୍ମାଣାଧୀନ ସିନେମା ‘ଲାଲ୍ ସିଂ ଚଡ଼୍ଢା’ର ଶୁଟିଂ ବେଳେ ସେ ଆଗକୁ ଏକ କାମକରିବାର ଚିନ୍ତା କରିଥିଲେ । ଯାହାକୁ କରିବା ପାଇଁ ପୂରାଦମ୍‌ରେ ଅଣ୍ଟା ଭିଡିଛନ୍ତି । ଏ ବିଷୟରେ କରୀନା କହନ୍ତି, ‘ଲାଲ୍ ସିଂ ଚଡ଼୍ଢାର ଶୁଟିଂ ବେଳେ ମୁଁ ମୋ ମନର କଥାକୁ ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଥିବା ଆମୀର ଖାଁଙ୍କୁ କହିଥିଲି । ସେ ମୋ କଥା ଶୁଣି ଖୁସି ହୋଇ ଯାଇଥିଲେ ଏବଂ କହିଥିଲେ ଯେ, ଯଦି ଆବଶ୍ୟକ ପଡେ ତେବେ ସେ ତାଙ୍କର ସହଯୋଗର ହାତ ମଧ୍ୟ ବଢ଼ାଇବେ । ଆଉ ସେହି କଥାଟି ହେଲା, ବର୍ତ୍ତମାନ କୋଭିଡ୍ ଆକ୍ରାନ୍ତ ପରିବାରଗୁଡିକୁ ମୁଁ ସହାୟତା କରିବାକୁ ମନସ୍ଥ କରିଛି । ଏ ନେଇ ଏକ ଟିମ୍ ଗଠନ କରିଛି । ତା’ସହ ସେମାନଙ୍କୁ ମୁଁ ଅନୁରୋଧ କରୁଛି ଯେ, ସେମାନେ ଏପରି ବିପଦ ସମୟରେ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ । ସମୟ ଆସିବ ସବୁକିଛି ଠିକ୍ ହୋଇଯିବ ।’ ଆମୀର ଖାଁଙ୍କ ପ୍ରଯୋଜିତ ଏବଂ ଅଦଭିତ ଚନ୍ଦନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୨୫ରେ ପରଦା ଉପରକୁ ଆସିବାର ଯୋଜନା ରହିଛି ।

## ପ୍ରଥମ ରୋଜଗାର



ଗୀତିକବି ତଥା ଗାଳ୍ପିକ ବଦ୍ରି ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ରୋଜଗାର ଟଙ୍କାରେ ଗଛ ଲଗାଇଛି, ପିଲାଙ୍କୁ ବହି ଦେଇଛି

ଶ୍ରୀକ୍ଷେତ୍ର ପୁରୀ ଦୋଳମଣ୍ଡପ ସାହିରେ ୧୯୫୯ ମସିହା ଫେବୃୟାରୀ ୫ରେ ମୋର ଜନ୍ମ। ୧୯୭୪ରେ ମାଟ୍ରିକ୍ ପାସ କଲି। ୧୯୭୮ରେ ଗ୍ରାଜୁଏଶନ। ତା'ପରେ ସେହିବର୍ଷ ନୟାଗଡ଼ ଜିଲାର ଇଟାମାଟିଠାରେ ରାଜସ୍ୱ ବିଭାଗର ନାଜର ଭାବେ ଚାକିରି ମିଳିଲା। ସମୟ କ୍ରମେ ଶିକ୍ଷକତା, ପୋଲିସ ଓ ଶେଷରେ ଜଙ୍ଗଲ ବିଭାଗରେ ଯୋଗ ଦେଇଥିଲି। ସେହି ଚାକିରିକାଳ ଭିତରେ ଓଡ଼ିଆରେ ଏମ୍.ଏ., ଆଇନ, ଶ୍ରମିକ ଶିକ୍ଷା ଓ ଗଣମାଧ୍ୟମ-ଗଣଯୋଗାଯୋଗ ଆଦି କ୍ଷେତ୍ରରେ ଶିକ୍ଷାଲାଭ କରିସାରିଥିଲି। ଆମ ଘର ଏକ ସଂସ୍କୃତିସମ୍ପନ୍ନ ପରିବାର। ଅଜା, ନନା(ବାପା), ଭାଇନା (ବଡ଼ଭାଇ) ଓ ୬ ଭଉଣୀ ସମସ୍ତଙ୍କ ସଂଗୀତ, ନୃତ୍ୟ ଓ ସାହିତ୍ୟ ସାଧନା ପ୍ରତି ଶ୍ରଦ୍ଧାସମ୍ମାନ ରହିଥାଏ। କିନ୍ତୁ ଆମ ପରିବାରରେ ମୁଁ ସାନ ହୋଇଥିବାରୁ ମୋ ଉପରେ ସେମିତି କିଛି ଦାୟିତ୍ୱ ନ ଥିଲା। ମାତ୍ର ମୋ ନନାଙ୍କ ଇଚ୍ଛା ଥିଲା, ମୁଁ ଗୋଟିଏ ବଡ଼ ଚାକିରି କରିବି। ସେ କହୁଥିଲେ ଭଲ ଖାଅ, ଭଲ ପିନ୍ଧ, ଭଲ ମଣିଷ ହୁଅ। କିନ୍ତୁ ସେ କେବେ ମୋ ରୋଜଗାରରୁ ଟଙ୍କାଟିଏ ବି ନେଉନଥିଲେ। ହେଲେ ମତେ ଯେତେବେଳେ ୧୦ ବର୍ଷ ହୋଇଥିଲା, ସେତେବେଳେ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ବସନ୍ତରାସରେ ରାଧା ଚରିତ୍ରରେ ନିଖୁଣ ଅଭିନୟ କରିଥିବାରୁ ମଞ୍ଚରେ ପ୍ରଥମେ ୨୦ଟଙ୍କା ପୁରସ୍କାର ସ୍ୱରୂପ ମିଳିଥିଲା। ଏହା ଥିଲା ମୋ ଅଭିନୟ ଜୀବନର ପ୍ରଥମ ରୋଜଗାର। ଡଗର ଚରିତ୍ରରେ ଲୋକଙ୍କୁ ହସାଇବାର କିଛି ଟଙ୍କା ପୁରସ୍କାର ମିଳିଥିଲା। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ପ୍ରଥମେ ଗୀତ ଗାଇବାର ସୁଯୋଗ ମିଳିଥିଲା। ତା'ପରେ ଗାଁ ଗାଁରେ ଯାଇ ମେଲୋଡ଼ିରେ ଗାଇ ରୋଜଗାର କରିପାରିଥିଲି। ପୁଣି 'ଜୀବନ ପାତ୍ର ମୋ ଭରିଛ କେତେ ମତେ...' ଗୀତ ଗାଇ ପ୍ରଥମ ହୋଇଥିବାରୁ ସେତେବେଳେ ପଣ୍ଡିତ କାଶୀନାଥ ପୂଜାପଣ୍ଡା ଓ ଶ୍ୟାମାମଣି ଦେବୀ ଖୁସି ହୋଇ ମୋତେ ୧୦୦ ଟଙ୍କା ଦେଇଥିଲେ। ଏହାଥିଲା ମୋ ସଂଗୀତ ଜୀବନର ପ୍ରଥମ ରୋଜଗାର। ଆଉ ସମୟକ୍ରମେ ଆକାଶବାଣୀ ଦୂରଦର୍ଶନରେ ବ୍ୟଙ୍ଗ କବିତା-ଆହା ମୋ ଲାବଣ୍ୟବତୀକୁ ପାଠ କରିବାରେ ମିଳିଥିଲା ୩୭୯ଟଙ୍କା, ଯାହା କି ଥିଲା ମୋ ସାହିତ୍ୟ ସୃଷ୍ଟିର ପ୍ରଥମ ରୋଜଗାର। ଏମିତିରେ ସମସ୍ତେ ମତେ ପ୍ରଥମ ରୋଜଗାର ଦେଇଛନ୍ତି। ସେହି ଟଙ୍କା ଖର୍ଚ୍ଚ କରି ଗଛଟିଏ ଉତାରିବାରେ ଖୁସି ମିଳିଛି। ନିଃସହାୟ ପିଲାଙ୍କୁ ପଢ଼ିବା ପାଇଁ ବହିଦେଇ ଖୁସି ହୋଇଛି। ତେବେ ସବୁଠୁ ବଡ଼କଥା ହେଲା, ପ୍ରତିବର୍ଷ ଆମ ଘରକୁ ଆସୁଥିବା ମୋର ପ୍ରାୟ ୨୮ଜଣ ଭଣଜା-ଭାଣିଜୀଙ୍କ ପାଇଁ ମାମୁ ଭାବେ ସେମାନଙ୍କୁ ବହିଖାତା କିଣିକି ଦେବାରେ ସାଇତିଥିବା ରୋଜଗାର ଟଙ୍କାକୁ ଖର୍ଚ୍ଚ କରିଥାଏ। ପୁଣି କାହାରି ବିବାହ ହେଉ, ବ୍ରତ କିମ୍ବା ଧର୍ମକାଯ୍ୟ ଆଦି ସାମାଜିକ ସେବାରେ ଖର୍ଚ୍ଚକରି ଖୁସି ହୋଇଥାଏ। ପ୍ରାୟ ୪୦ ବର୍ଷର ଚାକିରି ଜୀବନରେ ମୋ ରୋଜଗାର ଟଙ୍କାରେ ଓଡ଼ିଶାର ଅନେକ ଜିଲାରେ ବହୁ ବୃକ୍ଷରୋପଣ କରିପାରିଛି । ପୁଣି କେତେକ ଗରିବ ପିଲାଙ୍କ ପାଇଁ ପାଠପଢ଼ା ବହି ଯୋଗାଇଛି। ଏହା ଏକ ବଡ଼ ପୁଣ୍ୟକାର୍ଯ୍ୟ ମନେକରି ଈଶ୍ୱରଙ୍କଠାରେ ଆଶୀର୍ବାଦ ଭିକ୍ଷାକରେ। ମାତ୍ର ଚାକିରି କାର୍ଯ୍ୟରୁ କେତେବେଳୁ ଅବସରନେବାର ସମୟ ଆସିଯାଇଥିଲା ତାହା ମନେନଥିଲା। ତେବେ ମୋ ରଚିତ- କ୍ୟାପିଟାଲିଆ ହଡ଼ା, ମଣିଷ ଭାଲୁ, ଛେଳି, ନେତା ଭାଗବତ, ସ୍ମୃତି ସେ ଯେ ଭୁଲିବାର ନୁହେଁ ଏବଂ ଗୀତି-କବିତା ଶବ୍ଦବ୍ରହ୍ମ ଆଦି ପୁସ୍ତକ ପ୍ରକାଶିତ ହୋଇସାରିଛି । ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଗୀତି-କବିତା ରଚନା କରି 'ଶବ୍ଦବ୍ରହ୍ମ' ପୁସ୍ତକ ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ୨୦୧୭-୧୮ରେ ସମ୍ମାନିତ ଓ ପୁରସ୍କୃତ ହୋଇଛି। ଏବେ ଚାକିରିରୁ ଅବସର ପରେ ଗୀତି-କବିତା ଲେଖା ଚାଲିଛି। ରକ୍ତଦାନରେ ପ୍ରାୟ ଶହେ ଛୁଇଁ ସାରିଲାଣି। କାନ୍ଧରେ କାନ୍ଧ ମିଳାଇ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ମୃତଦେହ ସ୍ୱର୍ଗଦ୍ୱାରକୁ ନେଇସାରିଲାଣି। ମୋ ନନାଙ୍କ କଥାରେ ଏବେ ମୁଁ 'ଛ ଫୁଟିଆ ଦମ୍ଭିଲା ମଣିଷ। ଖୁସିରେ ବଞ୍ଚିଛି, ହସୁଛି, ହସାଉଛି। ସମାଜସେବାକୁ ଜୀବନର ବ୍ରତ କରିଛି।

# ଚୋରା ପିରତୀରେ ବୁଡିଛି ମନ, ଜଣା ପଡେ ନାହିଁ ରାତି କି ଦିନ

**ପ୍ରଶ୍ନ**-ମୁଁ ଯାହାକୁ ମନ ଦେବାକୁ ଚାହୁଁଛି ସେ ମୋ ମନ କଥା ବୁଝୁନାହିଁ। ଏପରି କି ଏହାପୂର୍ବରୁ କେତେଜଣଙ୍କୁ ଏକତରଫା ପ୍ରେମ କରି ଅସଫଳ ହୋଇଛି। ଏବେ ମୁଁ କ'ଣ କରିବି ?

*-ଉତ୍ତମ, ବାଲେଶ୍ୱର*

**ଉତ୍ତର:** ଯାହା ତ ଘଟିଗଲାଣି ସେହି ପୁରୁଣା ପୃଷ୍ଠା ଗୁଡ଼ିକୁ ଲେଉଟାଇଲେ ମନ ଦୁଃଖ ହିଁ ସାର। ସବୁଠୁ ବଡକଥା ହେଲା, ଯେଉଁ ତରିକାରେ ପ୍ରେମ କରୁଛନ୍ତି ତାହା ପ୍ରଥମେ ବଦଳାନ୍ତୁ। କାରଣ ଏକତରଫା ପ୍ରେମ ନିଜକୁ ଭାରି ମିଠା ଲାଗେ, ହେଲେ ଯେତେବେଳେ ନିଶା ଖସିପଡେ ସେତେବେଳେ ନେଡି ଗୁଡ କହୁଣିକୁ ବୋହି ଯାଇଥାଏ। କାରଣ ଚୋରା ପୀରତି ସବୁବେଳେ ଡେଞ୍ଜର। 'ଚୋରା ପିରତୀରେ ବୁଡିଛି ମନ, ଜଣା ପଡେ ନାହିଁ ରାତି କି ଦିନ।' ଯାହାକୁ ମନ ଦେବାକୁ ଚାହୁଁଛନ୍ତି ଯଦି ସେ ମନ କଥା ବୁଝୁନାହିଁ ତେବେ ସେ ନେଇ ଟେନସନ ଦେବାର ଆବଶ୍ୟକତା ନାହିଁ। ଏମିତି ସୁନ୍ଦରୀ ହୃଦୟକୁ ଜିତିବାକୁ ଚେଷ୍ଟା କରନ୍ତୁ, ଯାହା ମନ ସହ ଆପଣଙ୍କ ସହ ହଣ୍ଡ୍ରେଡ୍ ପରସେଣ୍ଟ ମିଶିଯାଉଥିବ।

**ପ୍ରଶ୍ନ**-ଅନେକ କହନ୍ତି, 'ସୁନ୍ଦରୀ ଝିଅର ହୃଦୟ ନାହିଁ।' ଏକଥା କ'ଣ ସତ ?

*-ଗୋପାଳ ରାଉତ, କେନ୍ଦ୍ରାପଡା*

**ଉତ୍ତର:** ଏପରି ଗୋଳିଆ କଥାରେ ମୁଣ୍ଡ ପୂରାଇଲେ ସବୁ କିଛି ଗୋଳିଆ ଘଣ୍ଟା ହୋଇଯିବ। ପ୍ରେମିକା ସୁନ୍ଦରୀ ହେଉ କି ଅସୁନ୍ଦରୀ ଯଦି ମନ ସହ ମନ ମିଶିଗଲା ତେବେ ବହି ଫିଟ୍ ହୋଇଗଲା ବୋଲି ଜାଣିନିଅନ୍ତୁ। ସେହି ହିନ୍ଦୀ ସିନେମାର ଗୀତ-'ଦିଲ୍ କୋ ଦେଖୋ, ଚେହେରା ନା ଦେଖୋ, ଚେହେରା ନେ ଲାଖୋଁକୋ ଲୁଟା, ଦିଲ୍ ସଚ୍ଚା ଔର ଚେହେରା ଝୁଟା'କୁ ଥରେ ସମ୍ପୂର୍ଣ୍ଣ ଭାବରେ ଶୁଣିନିଅନ୍ତୁ, ମନରେ ଥିବା ସବୁ ପ୍ରଶ୍ନର ଉତ୍ତର ଆପେ ଆପେ ପାଇଯିବେ।

**ପ୍ରଶ୍ନ**-ମୋ ପ୍ରେମିକାର ମ୍ୟାରେଜ ଠିକ୍ ହୋଇଯାଇଛି। ତାହାର ମ୍ୟାରେଜ ଆଟେଣ୍ଡ କରିବା ମୋ ପାଇଁ ଠିକ୍ ହେବ କି ?

*-ଅରୂପ, ତାଳଚେର*

**ଉତ୍ତର:** ଏ ପ୍ରଶ୍ନ ନିଜ ମନକୁ ବାରମ୍ବାର ପଚାରନ୍ତୁ, ଉତ୍ତର ପାଇଯିବେ। ଆପଣଙ୍କ ପ୍ରେମିକା ଏବେ ଆଉ କାହାର ହୋଇଯିବ। ମଥାରେ ସିନ୍ଦୂର ହାତରେ ଶଙ୍ଖା ପିନ୍ଧି ସେ ଆଉ ଜଣକ ଘରକୁ ନୂଆବୋହୂ ହୋଇଯିବ। ଯଦି ନିଜ ପୁରୁଣା ଘା'କୁ ପୁଣି ଥରେ ଉଜ୍ଜିବୀତ କରିବାକୁ ଚାହୁଁଛନ୍ତି ତେବେ ପ୍ରେମିକାର ମ୍ୟାରେଜକୁ ଗଲେ କିଛି ପ୍ରୋବ୍ଲେମ ନାହିଁ। କାହା ବୁଦ୍ଧିରେ ନ ପଡି ନିଜ ମନ ଯାହା କହୁଛି ସେଇଆ କରନ୍ତୁ ନା !

**ପ୍ରଶ୍ନ**-ଜଣେ ଝିଅ ମୋତେ ଚାହିଁ କେତେବେଳେ ହସି ଦେଉଛି ତ କେତେବେଳେ ଅଭିମାନ କରି ଚାଲିଯାଉଛି। ସେ ଏମିତି କାହିଁକି କରୁଛି ? ଯଦି ସେ ମୋତେ ମନ ପ୍ରାଣ ଦେଇ ଭଲ ପାଉଛି ତେବେ ତାହାକୁ ପ୍ରକାଶ କରୁନି କାହିଁକି ?

*-ଅନିକେତ ରାଉତ, ବାରିପଦା*

**ଉତ୍ତର:** ସବୁ ହସ ପ୍ରେମ ନୁହେଁ ସବୁ ଚାହାଣୀରେ ଜଣେ ଝିଅର ମନର କଥାକୁ ପଢ଼ି ହୋଇ ନ ଥାଏ। ପ୍ରଥମେ ସେହି ଝିଅର ମନର ପରିଭାଷାକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ଏମିତି ବି ହୋଇପାରେ ସେହି ଝିଅର ଅଭିମାନରେ ତାହାର ମନର କଥା ଲୁଚି ରହିପାରେ।



# ଫ୍ରିଲ୍ ଫ୍ୟାଶନ





**ଟପ୍ ହେଉ ଅବା ଶାଢି ଆଜିକାଲି ଫ୍ରିଲ୍‌ର ଚାହିଦା ରହିଛି। ଏହା ଗ୍ଲାମର୍ସ ଲୁକ୍ ଦେବା ସହ ପିନ୍ଧିବାକୁ ବେଶ୍ ଆରାମଦାୟକ। କଲେଜ ଯୁବତୀଙ୍କଠୁ ଆରମ୍ଭ କରି ସେଲିବ୍ରିଟିଙ୍କ ଭିତରେ ଏହାର କ୍ରେଜ୍ ଦେଖିବାକୁ ମିଳୁଛି। ଯଦି ଆପଣ ବି କୌଣସି ଖାସ୍ ଅକେଜନ୍‌ରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ସାଜିବାକୁ ଚାହୁଁଛନ୍ତି ତେବେ, ଫ୍ରିଲ୍ ଫ୍ୟାଶନ୍ ଆପଣେଇ ପାରିବେ...**

**ଫ୍ରିଲ୍ ଜ୍ୟାକେଟ୍–** ଯଦି ଆପଣ ୱେଷ୍ଟର୍ନ କିମ୍ବା ଇଣ୍ଡୋ ୱେଷ୍ଟର୍ନରେ ଫ୍ରିଲ୍ ଟ୍ରାଏ କରିବାକୁ ଚାହିଁଛନ୍ତି, ତେବେ ଫ୍ରିଲ୍ ଜ୍ୟାକେଟ୍ ଟ୍ରାଏ କରିପାରିବେ। ଏହି ଜ୍ୟାକେଟ୍ ବହୁତ କୁଲ୍ ଓ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏହି ଜ୍ୟାକେଟ୍‌କୁ ଆପଣ ଜିନ୍ସ–ଟପ୍ସ କିମ୍ବା କୁର୍ତ୍ତି ସହିତ ଟ୍ରାଏ କରିପାରିବେ। ଜ୍ୟାକେଟ୍‌ରେ ଫ୍ରିଲ୍‌ର ବ୍ୟବହାର ହାତର ତଳଭାଗରେ ଅବା ଜ୍ୟାକେଟ୍‌ର ଅଣ୍ଟାଭାଗରେ ହୋଇଥାଏ।

**ଫ୍ରିଲ୍ ଥିବା ଟପ୍–**ଫ୍ରିଲ୍ ଟପ୍‌ର ଚାହିଦା ଆଜିକାଲି ବହୁତ ରହିଛି। କୌଣସି ପାର୍ଟି ହେଉ ଅବା ଫ୍ରେଣ୍ଡସ୍‌ଙ୍କ ସହ ମସ୍ତି କରିବାକୁ ଯିବାକୁ ଅଛି ତେବେ ଫ୍ରିଲ୍ ଟପ୍ ପିନ୍ଧିପାରିବେ। ଦେଖିବେ ଆପଣଙ୍କ ଲୁକ୍‌କୁ ସମସ୍ତେ ପ୍ରଶଂସା କରିବେ। ସାଧାରଣତଃ ଟପ୍‌ର ତଳଭାଗରେ ଓ ଧାରରେ ଫ୍ରିଲ୍ ଲଗାଯାଇଥାଏ। କ୍ରପ୍ ଟପ୍‌ରେ ତ ଫ୍ରିଲ୍ ବହୁତ ସୁନ୍ଦର ଦେଖାଯାଏ। ୱାନ ସୋଲ୍ଡର୍ ଟପ୍‌ର ବେକ୍‌ଭାଗରେ ଫ୍ରିଲ୍ ଲାଗିଥାଏ। ଏହା ଗ୍ଲାମର୍ସ ଲୁକ୍ ଦିଏ। ଏହାକୁ ପାର୍ଟିରେ ପିନ୍ଧିପାରିବେ।

**ଫ୍ରିଲ୍ ଶାଢି–** ଆଜିକାଲି ଫ୍ରିଲ୍ ଶାଢିର ବି ବହୁତ ଡିମାଣ୍ଡ ରହିଛି। ଫ୍ରିଲ୍‌ର ସିଫନ୍ ଶାଢିକୁ ଯୁବତୀଙ୍କ ସହ ସେଲିବ୍ରିଟି ବି ପିନ୍ଧିବାକୁ ବେଶ୍ ପସନ୍ଦ କରୁଛନ୍ତି। ଏଇ ଶାଢି ଗ୍ଲାମର୍ସ ଲୁକ୍ ଦେଇଥାଏ। ଶାଢିରେ ସାଧାରଣତଃ ଫ୍ରିଲ୍ ପଣତରେ ଅବା ଶାଢିର ଧାରରେ କରାଯାଇଥାଏ। ଏହି ଶାଢି ସମ୍ପୂର୍ଣ୍ଣଭାବେ ପାର୍ଟିୱେର୍ ଅଟେ।

**ଫ୍ରିଲ୍ ଲଙ୍ଗ ଡ୍ରେସ୍–** ମଲ୍ଟି ଫ୍ରିଲ୍‌ଠାରୁ ଆରମ୍ଭ କରି ସିମ୍ପଲ୍ ଫ୍ରିଲ୍ ଲଙ୍ଗ ଡ୍ରେସ୍ ସହ ବହୁତ ଭଲ ଲାଗେ। ଡିଜାଇନର୍‌ମାନେ ପ୍ରାୟତଃ ଡ୍ରେସ୍‌ରେ ଫ୍ରିଲ୍‌କୁ ବଟମ୍ ବା ତଳଭାଗରେ ବ୍ୟବହାର କରନ୍ତି। ଏହି ଡ୍ରେସ୍‌କୁ ପିନ୍ଧିଲେ ଆପଣ ପ୍ରିନ୍ସେସ୍ ଭଳି ଲାଗିବେ। ଫ୍ରିଲ୍ ଲଙ୍ଗ ଡ୍ରେସ୍‌କୁ ଆପଣ ନିଜର ବର୍ଥ ଡେ' ପାର୍ଟି ଅବା ସାଙ୍ଗର ବର୍ଥଡେ' ପାର୍ଟିରେ ପିନ୍ଧିପାରିବେ। ଫ୍ୟାମିଲି ଫଙ୍କସନ୍‌ରେ ବି ଏହା ଭଲ ଲାଗିବ।

**ପାର୍ଟିୱେର ଫ୍ରିଲ୍–** ସାଙ୍ଗର କକ୍‌ଟେଲ୍ ପାର୍ଟିକୁ ଯାଉଥିଲେ ଫ୍ରିଲ୍‌ର ଶିମରୀ ଡ୍ରେସ୍ ପିନ୍ଧନ୍ତୁ। ଏହାକୁ ପିନ୍ଧି ଆପଣ କ୍ଲାସି ଓ ଏଲିଗେଣ୍ଟ ଲୁକ୍ ପାଇପାରିବେ। ଶିମରୀ ଫ୍ରିଲ୍ ଡ୍ରେସ୍ ସହ ଆପଣ ଡାର୍କ ଅବା ନ୍ୟୁଡ ମେକ୍‌ଅପ୍ ନେଇପାରିବେ। ବଲିଉଡ୍ ଡିଭାଙ୍କର ବି ଏହି ଡ୍ରେସ୍ ବହୁତ ପସନ୍ଦ।





## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।




ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## କାମଚୋର

ରାଜେଶ ବାବୁ ଚାକରକୁ- ଟିକେ ବାହାରକୁ ଯାଇ ଦେଖିଲୁ ସୂର୍ଯ୍ୟ ଉଦୟ ହେଲାଣି କି ନାଇଁ।

ଚାକର- ବାହାର ତ ପୂରା ଅନ୍ଧାର।

ରାଜେଶ ବାବୁ- ଟର୍ଚ୍ଚ ନେଇ କି ଦେଖୁନୁ କାମଚୋର କୋଉଠିକାର।

## ତାମିଲ

ମୋହନବାବୁ – ମୁଁ ଓ ମୋ ସ୍ତ୍ରୀ ତାମିଲ ଶିଖିବାକୁ ଚାହୁଁଛୁ।

କୈଳାଶ ବାବୁ- କାହିଁକି ?

ମୋହନବାବୁ- କଥା କ'ଣ କି ଆମେ ଏକ ତାମିଲ ଛୁଆ ପୋଷ୍ୟଭାବେ ଗ୍ରହଣ କରିଛୁ। ସେ କଥା କହିବା ପୂର୍ବରୁ ଆମେ ତାମିଲ ଶିଖିଲେ ସିନା ତା' କଥା ବୁଝିପାରିବୁ।

## ଇଚ୍ଛା ହେଉଛି

ରାଜୁ- ଆଜି ପୁଣିଥରେ ମୋର ଇଚ୍ଛା ହେଉଛି ଦୀପିକା ପାଦୁକୋନ୍ ସହ ଡେଟିଂରେ ଯିବାକୁ।


ମଣ୍ଟୁ- ତୁ କ'ଣ ଆଗରୁ ତାଙ୍କ ସହ ଡେଟିଂରେ ଯାଇ ସାରିଛୁ ?


ରାଜୁ- ନା, ପୂର୍ବରୁ ବି ଥରେ ମୋର ଇଚ୍ଛା ହୋଇଥିଲା।

# ଲୋକଟକ୍ ହ୍ରଦ ଏକ ବିସ୍ମୟ









ମଣିପୁରର ଇମ୍ଫାଲଠାରୁ ପ୍ରାୟ ୫୦ କି.ମି. ଦୂରରେ ଅଛି ଅପୂର୍ବ ସୌନ୍ଦର୍ଯ୍ୟରେ ଭରା ତଥା ପୃଥିବୀର ଏକମାତ୍ର ଭାସମାନ ହ୍ରଦ ଲୋକଟକ୍। ଏହା ପୂର୍ବ ଭାରତର ସବୁଠୁ ବଡ଼ ମଧୁରଜଳର ହ୍ରଦ ଅଟେ। ଏହି ହ୍ରଦର ମୁଖ୍ୟ ଆକର୍ଷଣ ହେଉଛି ଏହାମଧ୍ୟରେ ଥିବା ଛୋଟ ବଡ ଦ୍ୱୀପ, ଯାହାକି ଭାସମାନ ପରି ପ୍ରତ୍ୟୟମାନ ହୁଏ। ଏଠାକାର କିଛି ଦ୍ୱୀପ ଏତେ ବଡ ଯେ, ତାହା ଉପରେ ରିସର୍ଟ ବି ତିଆରି କରାଯାଇଛି। ଏଠାରେ ନୌବିହାର ମାଧ୍ୟମରେ ପର୍ଯ୍ୟଟକମାନେ ଛୋଟ ବଡ ଦ୍ୱୀପ ଦେଇ ଗତିକରି ହ୍ରଦର ଭୁଲଭୁଲୟାର ମଜା ଉଠାଇପାରିବେ। ଏହି ଅଦ୍ଭୁତ ତଥା ବିସ୍ମୟକର ସ୍ଥାନ ପର୍ଯ୍ୟଟକଙ୍କ ମନ ମୋହିଥାଏ। ତେବେ ଏଠାକୁ ଯିବାକୁ ଚାହୁଁଥିଲେ ଏହି ହ୍ରଦ ସମ୍ବନ୍ଧରେ କିଛି ଜାଣି ରଖନ୍ତୁ।

## ପ୍ରମୁଖ ଆକର୍ଷଣ

**କେଇବୁଲ ଲାମଜାଓ ରାଷ୍ଟ୍ରୀୟ ଉଦ୍ୟାନ:** ଲୋକଟକ୍ ହ୍ରଦର ଏହା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ। ହ୍ରଦର ଏହା ଏକ ଅଂଶ ବିଶେଷ। ହ୍ରଦର ଦକ୍ଷିଣ ପୂର୍ବଭାଗରେ ଏହା ୪୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ। ପୃଥିବୀର ଏହା ଏକମାତ୍ର ଭାସମାନ ପାର୍କ। ପାର୍କଟି ଯେଉଁ ଦ୍ୱୀପରେ ଅଛି ତାହା ପ୍ରାକୃତିକ ଆବର୍ଜନାର ଏକ ମୋଟା ଆସ୍ତରଣରେ ଗଠିତ ହୋଇଛି। ସ୍ଥାନୀୟ ଭାଷାରେ ଏହା 'ଫୁମ୍‌ଡି' ଭାବେ ପରିଚିତ। ୧୯୭୭ରେ ଉକ୍ତ ପାର୍କକୁ ରାଷ୍ଟ୍ରୀୟ ଉଦ୍ୟାନଭାବେ ଘୋଷଣା କରାଯାଇଥିଲା। ଏଠାରେ ୪୫୦ରୁ ଊର୍ଦ୍ଧ୍ୱ ପ୍ରକାରର ଅର୍କିଡ ଗଛ ଦେଖିବାକୁ ମିଳେ। ତା'ସହ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଜଳୀୟ ବନସ୍ପତୀ ଓ ଅନେକ ପ୍ରକାରର ପଶୁପକ୍ଷୀ ଯେମିତି କି କଳା ବତକ, କିଙ୍ଗଫିଶର୍ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଏବଂ ଶମ୍ବର, ହଗ୍ ଡିୟର୍, ଜଙ୍ଗଲି ଘୁଷୁରି ଭଳି ପ୍ରାଣୀ ବି ଦେଖିବାକୁ ମିଳନ୍ତି।

**ଆଖପାଖର ଦର୍ଶନୀୟ ସ୍ଥାନ–** ଲୋକଟକ୍ ହ୍ରଦର ଆଖପାଖରେ ଅନେକ ଭ୍ରମଣୀୟ ସ୍ଥାନ ରହିଛି, ଯାହାକୁ ନିଶ୍ଚୟ ବୁଲିବାକୁ ଚାହିଁବେ। ଯେମିତି କି କଙ୍ଗଲା ଫୋର୍ଟ, ତାରୋ କେଭ, ଶହୀଦ ମୀନାର, ସିଙ୍ଗଡା ଡ୍ୟାମ୍, ମଣିପୁର ଜୁଲୋଜିକାଲ ଗାର୍ଡେନ୍, ଶ୍ରୀ ଗୋବିନ୍ଦଜୀ ମନ୍ଦିର, ଲଙ୍ଗବଲ୍, ମଣିପୁର ଷ୍ଟେଟ୍ ମ୍ୟୁଜିୟମ୍ ଇତ୍ୟାଦି।

## କ'ଣ କରିବେ

ଏହି ସୁନ୍ଦର ହ୍ରଦରେ ପର୍ଯ୍ୟଟକମାନେ ଅନେକ କିଛି ଆକ୍ଟିଭିଟି କରିପାରିବେ ; ଯାହା କି ତାଙ୍କ ଟ୍ରିପ୍‌କୁ ବେଶ୍ ରୋମାଞ୍ଚକର ଓ ଖାସ୍ କରିଦେବ। ଆଉ ସେଇ ସବୁ ସ୍ମୃତି ସେମାନଙ୍କ ମନରେ ସବୁବେଳ ପାଇଁ ଅଭୁଲା ହୋଇ ରହିଯିବ।

**ନୌକା ବିହାର:** ଲୋକଟକ୍ ହ୍ରଦର ସବୁଠାରୁ ଖାସ୍ ଓ ମନପସନ୍ଦର ଆକ୍ଟିଭିଟି ହେଉଛି ନୌକା ବିହାର। ଏହା ମାଧ୍ୟମରେ ପର୍ଯ୍ୟଟକ ଲୋକଟକ୍ ହ୍ରଦର ସବୁଜିମାଭରା ସୌନ୍ଦର୍ଯ୍ୟକୁ ବେଶ୍ ନିକଟରୁ ଉପଭୋଗ କରିପାରିବେ। ତା'ସହ ହ୍ରଦର ଠାଏ ଠାଏ ଥିବା ଭାସମାନ ଦ୍ୱୀପ ତଥା ଏହାର ଭୁଲଭୁଲୟା ରାସ୍ତା ଦେଇ ଯାଇ ଏକ ରୋମାଞ୍ଚକର ଅନୁଭୂତି ସାଉଁଟି ପାରିବେ।

**ବାର୍ଡ ୱାଚିଂ –** ଲୋକଟକ୍ ହ୍ରଦ ବାର୍ଡ ୱାଚିଂ ପାଇଁ ମଧ୍ୟ ଭଲ ସ୍ଥାନ। କାରଣ ଏଇ ହ୍ରଦରେ ଦେଖିବାକୁ ପାଇବେ ବିଭିନ୍ନ ପ୍ରଜାତିର ସୁନ୍ଦର ସୁନ୍ଦର ଚଢେଇ ଯେମିତି କି– ଲେୟର ସ୍କାଇ ଲାର୍କ, ନର୍ଦନ ହିଲ୍ ମୈନା, ବର୍ମିସ୍ ପାଇଦ୍ ମୈନା, ନର୍ଥ ଇଣ୍ଡିଆନ ବ୍ଲାକ୍ ଡ୍ରୋଙ୍ଗୋ, ଜଙ୍ଗଲ କ୍ରୋ, ୟେଲୋ ହେଡେଡ୍ ୱାଗଟେଲ, ବିଭିନ୍ନ ପ୍ରକାରର ବତକ, ବଗ, କାଠହଣା ଚଢେଇ ଆଦି। ହ୍ରଦର ଶାନ୍ତମ୍ ପରିବେଶରେ ପକ୍ଷୀମାନଙ୍କର ପାଣିରେ ଖେଳିବା ଓ ସେମାନଙ୍କ କଳରବ ମନକୁ ତାଜା କରିଦେବ।

**ଫିଶିଂ–** ହ୍ରଦରେ ମିଳୁଥିବା ମାଛ ସ୍ଥାନୀୟ ଲୋକଙ୍କର ପ୍ରମୁଖ ଆହାର । ତେଣୁ ସ୍ଥାନୀୟ ଲୋକଙ୍କୁ ଏଠାରେ ମାଛ ଧରୁଥିବା ଦେଖିବାକୁ ପାଇବେ। ଆଉ ଏଠାରେ ପର୍ଯ୍ୟଟକ ମଧ୍ୟ ଫିଶିଂ କରି ଯାତ୍ରାକୁ ମଜାଦାର କରିପାରିବେ।

**ପ୍ରବେଶ ସମୟ ଓ ଫିଶ୍–** ପରିବାର କିମ୍ବା ସାଙ୍ଗମାନଙ୍କ ସହ ଲୋକଟକ୍ ହ୍ରଦ ଯାଉଥିଲେ ଜାଣି ରଖନ୍ତୁ ଯେ, ହ୍ରଦକୁ ଯିବା ଓ ବୁଲିବା ପାଇଁ କୌଣସି ଫିଶ୍ ନାହିଁ। ଏହା ସକାଳ ୮ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହେ। କିନ୍ତୁ କେଇବୁଲ ଲାମଜାଓ ରାଷ୍ଟ୍ରୀୟ ଉଦ୍ୟାନକୁ ଯିବାକୁ ଚାହୁଁଥିଲେ ଭାରତୀୟ ପର୍ଯଟକଙ୍କୁ ୩୦ଟଙ୍କା ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ ୨୦୦ଟଙ୍କା ପୈଠ କରିବାକୁ ହେବ। ଏହା ସକାଳ ୭.୩୦ରୁ ସନ୍ଧ୍ୟା ୫.୩୦ଟା ପର୍ଯ୍ୟନ୍ତ ଖୋଲା ରହେ।

**ଯିବାର ଉପଯୁକ୍ତ ସମୟ–** ମଣିପୁରରେ ସାଧାରଣତଃ ୨୫°–୩୫° ତାପମାତ୍ରା ରହିଥାଏ। ତେଣୁ ଏଠାକୁ ଯେକୌଣସି ସମୟରେ ବୁଲିବାକୁ ଯାଇପାରିବେ। ଏହା ପାହାଡିଆ ଅଞ୍ଚଳ ହୋଇଥବାରୁ ସକାଳ ସନ୍ଧ୍ୟାରେ ଥଣ୍ଡା ଅନୁଭୂତ ହୋଇଥାଏ।

**ରହିବା ପାଇଁ ସ୍ଥାନ–** ଲୋକଟକ୍ ହ୍ରଦ ନକଟରେ ଓ ଇାଲରେ ଅନେକ ହୋଟେଲ ଆପଣଙ୍କ ବଜେଟ୍ ଅନୁସାରେ ମିଳିଯିବ। ତେଣୁ ନିଜର ବଜେଟ୍ ଓ ଚଏସ୍ ଅନୁଯାୟୀ ହୋଟେଲ ବାଛିପାରିବେ।

**କେମିତି ଯିବେ:** ଏଠାକୁ ଆପଣ ଫ୍ଲାଇଟ୍, ଟ୍ରେନ ଓ ସଡକ ପଥରେ ଯାଇପାରିବେ। ଲୋକଟକ ହ୍ରଦର ନିକଟତମ ଏୟାରପୋର୍ଟ ହେଉଛି ଇାଲ ଏୟାରପୋର୍ଟ। ଏହା କେଇବୁଲ ଲାମଜାଓ ରାଷ୍ଟ୍ରୀୟ ଉଦ୍ୟାନଠାରୁ ୪୮ କି.ମି. ଦୂରରେ ଅବସ୍ଥିତ। ଏହା ଦିଲ୍ଲୀ, ଆଗ୍ରା ସହିତ ଅନ୍ୟ କିଛି ପ୍ରମୁଖ ସହର ସହିତ ଆକାଶ ମାର୍ଗ ଦ୍ୱାରା ଯୋଡି ହୋଇଛି। ଇମ୍ଫାଲ ଏୟାରପୋର୍ଟରେ ପହଞ୍ଚିବା ପରେ ଟାକ୍ସି କରି ଲୋକଟକ ହ୍ରଦ ଯାଇପାରିବେ। ରେଳପଥରେ ଯିବାକୁ ଚାହୁଁଥିଲେ ହ୍ରଦଠାରୁ ୨୫୦ କି.ମି. ଦୂର ଦୀମାପୁର ରେଲୱେଷ୍ଟେସନ୍ ହେଉଛି ଲୋକଟକ୍ ହ୍ରଦର ନିକଟତମ ରେଳଷ୍ଟେସନ। ଏଠାରୁ ବସ୍ କିମ୍ବା ଟ୍ୟାକ୍ସି ଯୋଗେ ହ୍ରଦକୁ ଯାଇପାରିବେ। ସଡ଼କ ପଥ ବି ଯାତ୍ରା ପାଇଁ ବାଛିପାରିବେ। ଏହା ଭାରତର ଉତ୍ତର ପୂର୍ବ ସହର ଯେମିତି କି ଦୀମାପୁର, ସିଲଚର୍, କୋହିମା, ଆଇଜଲ୍, ଇଟାନଗର, ନାଗାଲାଣ୍ଡ, ଅଗରତାଲା, ସିଲଂ ସହ ଯୋଡ଼ି ହୋଇଛି।







# ମାଛ ଧରିବା ପାଇଁ ପକ୍ଷୀ ପାଲଟିଯାଏ ଛତା

ବ୍ଲାକ୍ ଇଗ୍ରେଟ୍ ହେଉଛି ଆଫ୍ରିକାର ହେରନ୍ ନାମକ ଏକ ପ୍ରକାର ପକ୍ଷୀର ପ୍ରଜାତି । ଏହି ପକ୍ଷୀର ଏକ ସ୍ୱତନ୍ତ୍ର ପ୍ରକାରର ଶିକାର କରିବା ପଦ୍ଧତି ରହିଛି, ଯାହା ବେଶ୍ କୌତୂହଳମୟ ଲାଗେ। ଚଢ଼େଇଟି ଅଗଭୀର ଜଳରେ ଧୀରେ ଧୀରେ ଆସି ନିଜର ଦୁଇ ଡେଣାକୁ ଶରୀର ଚାରିପଟେ ଏଭଳି ପ୍ରସାରିତ କରି ରଖେ ଯେ, ତା'ର ଶରୀର ଦେଖାଯାଏ ନାହିଁ। ଆଉ ସେ ସମ୍ପୂର୍ଣ୍ଣଭାବେ ଏକ ଛତା ଭଳି ଦେଖାଯାଏ। ଛୋଟ ମାଛଗୁଡ଼ିକ ନିଜକୁ ପରଭକ୍ଷୀଙ୍କଠାରୁ ରକ୍ଷା କରିବା ପାଇଁ ସେହି ଛତାକୁ ସୁରକ୍ଷିତ ସ୍ଥାନ ଭାବି ଭିତରକୁ ଚାଲି ଆସନ୍ତି। ଆଉ ଚଢ଼େଇଟି ନିଜର ଲମ୍ବା ଥଣ୍ଟରେ ଆରାମରେ ସେହି ଛୋଟ ମାଛକୁ ଖାଇଦିଏ। ଏହି ପଦ୍ଧତିକୁ 'କ୍ୟାନୋପୀ ଫିଡିଂ' ବୋଲି କୁହାଯାଏ। ଜୀବଜଗତରେ ଏଭଳି ବୈଚିତ୍ର୍ୟତା ସତରେ ବେଶ୍ ବିସ୍ମୟକର।

## କାର୍ଟୁନ କର୍ନର



# ହନୁମାନ ମିଛ କହିଲେ !

ଭକ୍ତ ଶ୍ରେଷ୍ଠ ହନୁମାନ । କେବଳ ଭକ୍ତ ନୁହନ୍ତି, ଜ୍ଞାନୀମାନଙ୍କ ମଧ୍ୟରେ ବି ଅଗ୍ରଗଣ୍ୟ । ଭକ୍ତି ଗଲା, ଜ୍ଞାନ ବି ଗଲା । ବାକି ରହିଲା କର୍ମ ଯୋଗ ବା କର୍ମ । ହନୁମାନଙ୍କ ପରି ଜଣେ କର୍ମୀ ତ୍ରିଭୁବନରେ ବିରଳ । ଯେଉଁ ଲୋକମାନେ କୁହନ୍ତି, କ'ଣ କରିବା ଭାଇ, ଆମମାନଙ୍କ ପାଖରେ ସମୟ କାହିଁ ଯେ ଆମେ ଭକ୍ତି କରିବୁ କିମ୍ବା ଜ୍ଞାନ ଚର୍ଚ୍ଚା କରିବୁ । ଆମେ ତ ହେଲୁ କର୍ମୀ ଲୋକ । ଖଟିଲେ ଖାଇବୁ । ଏ ଧରଣର ଲୋକମାନେ ଅନ୍ୟମାନଙ୍କୁ ଦେଖାଇବାକୁ ଚାହାନ୍ତି ଯେ ସେମାନେ ପ୍ରବଳ ଖଟଣି ଲୋକ । ଏମାନେ ମନେରଖିବା ଦରକାର ଯେ, ହନୁମାନଙ୍କ ପରି ଜଣେ କର୍ମୀ, ଯଥାର୍ଥ କର୍ମୀ ସାରା ଜଗତରେ କେହି ନାହାନ୍ତି । କର୍ମ କିପରି କରାଯାଏ, ତାହା ହନୁମାନଙ୍କଠାରୁ ଶିଖା ଯିବା ଦରକାର । କର୍ମଯୋଗୀମାନଙ୍କ ତାଲିକାରେ ବି ସେ ଉପରେ ରହିବେ । ସୁତରାଂ କର୍ମ, ଜ୍ଞାନ ଆଉ ଭକ୍ତିର ଆଚାର୍ଯ୍ୟ ହେଉଛନ୍ତି ଚିରଞ୍ଜୀବୀ ଶ୍ରୀ ହନୁମାନ ।

ଏପରି ଜଣେ ବେଦଜ୍ଞ ଆଉ ଦେବଜ୍ଞ ଦେବତା କେଉଁ ଘଟଣାରେ ମିଛ କହିଲେ । ଯଦି କହିଲେ ତାହା ମିଛ ନା ତା' ଭିତରେ କିଛି ରହସ୍ୟ ଅଛି ?

ଆଜ୍ଞା ହଁ, ଏହା ଏକ ସମର୍ପଣାତ୍ମକ ଭାବର ପ୍ରସଙ୍ଗ । ସ୍ଥୂଳ ବୁଦ୍ଧିରେ ନୁହେଁ, ଏକ ସୂକ୍ଷ୍ମ ବୁଦ୍ଧିରେ ଅତ୍ୟନ୍ତ ସତର୍କତାର ସହ ଏହାକୁ ଆଲୋଚନା କରିବା ଦରକାର ।

ଲଙ୍କାରେ ସୀତା ଠାବ କରି ପ୍ରଭୁ ଶ୍ରୀରାମଙ୍କ ନିକଟରେ ଏ ସୁ -ସମ୍ବାଦ ପହଞ୍ଚାଇବା ପ୍ରସଙ୍ଗ ହିଁ ଆଜିର ଆଲୋଚନାର ବିଷୟ । ଏହା ଏପରି ଏକ ପୃଷ୍ଠଭୂମି ଯେ ଏହାକୁ ଶୁଣାଇବା ବେଳେ କଥାବାଚକ ସ୍ୱୟଂ ଶଙ୍କର ମଧ ଭାବ ବିହ୍ୱଳିତ ହୋଇଯାଇଥିଲେ । ସେ କିଛି ସମୟ ଭାବ ମଗ୍ନ ହୋଇ କହିବା ବନ୍ଦ କରି ଦେଇଥିଲେ ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ



ଲଙ୍କାରେ ରାବଣ କର୍ତ୍ତୃତ୍ୱାଧୀନ ମା' ଜାନକୀ ସୁରକ୍ଷିତ ରହି ଥିବାର ଖବର ନେଇ ହନୁମାନ ଫେରିଲେ । ଏପଟେ ସମୁଦ୍ର କୂଳରେ ଅପେକ୍ଷାରତ ଜାମ୍ବବାନଙ୍କ ସମେତ ଅନ୍ୟ ବାନରବୃନ୍ଦ ହନୁମାନଙ୍କୁ ସହର୍ଷ ଫେରି ଆସୁଥିବାର ଦେଖି ଖୁବ୍ ଖୁସି ହେଲେ । ସୀତା ମାତାଙ୍କ ଠାବ ହୋଇଥିବାର ଜାଣି ସଭିଏ ତାଙ୍କୁ ବଧେଇ ଜଣାଇଲେ । ଏହି ଆନନ୍ଦରେ ସେମାନେ ସମସ୍ତେ ମଧୁବନ ବଗିଚାରେ ପ୍ରବେଶ କରି ମନ ଇଚ୍ଛା ଫଳ ଭକ୍ଷଣ କଲେ । ବାନର ରାଜ ସୁଗ୍ରୀବ ସବୁକଥା ଜାଣିଲେ । ପରେ ସମସ୍ତେ ଦଳ ବଳ ହୋଇ ରଘୁନାଥଙ୍କ ଦର୍ଶନ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲେ ।

ପ୍ରଥମେ ଭଲ୍ଲୁକରାଜ ଜାମ୍ବବାନ ଶ୍ରୀରାମଙ୍କୁ ପ୍ରଣାମ ପୂର୍ବକ ହନୁମାନ ଲଙ୍କାରେ ଯାହା ଯାହା କରିଥିଲେ ସେକଥା ବର୍ଣ୍ଣନା କଲେ । ଗୋସ୍ୱାମୀ ଲେଖିଲେ -

ପୱନ ତନୟ କେ ଚରିତ ସୁନାଏ
ଜାମବନ୍ତ ରଘୁପତି ହି ସୁହାଏ ॥

ଆରମ୍ଭରୁ ଅର୍ଥାତ୍ ସମୁଦ୍ର ଲଘଂନ, ଲଂକିନି ବଧ, ବିଭୀଷଣଙ୍କ ସହ ସାକ୍ଷାତ, ସୀତା ଠାବ, ଫଳ ବଗିଚା ନଷ୍ଟ, ବିଭିନ୍ନ ନିଶାଚର ତଥା ଅକ୍ଷୟ କୁମାର ବଧ, ଇନ୍ଦ୍ରଜିତ ସହ ଯୁଦ୍ଧ ଏବଂ ଲଙ୍କା ଦହନ ଆଦି ବିଷୟ ଗୋଟି ଗୋଟି କରି ବର୍ଣ୍ଣନା କଲେ । ସେଠାରେ ଗୋଟିଏ କୋଣକୁ ହନୁମାନ ଆଖିବୁଜି ଯୋଡ ହସ୍ତପୂର୍ବକ କାକୁସ୍ଥ ହୋଇ ଠିଆ ହୋଇଥାନ୍ତି । ନିଜର ବାହାଦୁରି ବାବଦରେ ନିଜ ଆଡୁ ପଦେ କିଛି କହୁ ନ ଥାନ୍ତି । ହନୁମାନଙ୍କ ଜାଗାରେ ଆମେ କେହି ଥିଲେ ଜାମ୍ବବାନଙ୍କ ଉପରେ ପଡି ଦି' ପଦ କହିଥାନ୍ତେ । ଆମେ ଆମ ଜୀବନରେ ସେୟା କରୁଛେ ବୋଲି ଈଶ୍ୱରଙ୍କ କୃପା ପାଉନେ । ଛୋଟିଆ ଭଲ କାମଟିଏ କ'ଣ କରିଦେଲେ, ତା'ର ଶ୍ରେୟ କାଳେ ଅନ୍ୟମାନେ କିଏ ନେଇଯିବେ, ସେଇ ଆଶଙ୍କାରେ ନିଜ ବାହାଦୁରିକୁ ହାଟ, ବାଟ, ମଠ, ତୁଠ, ସହର ବଜାର ସବୁଠାରେ ଯିଆ ତା' ଆଗରେ ଗପି ବସୁ । ଇଆଡ଼େ କହୁ ପ୍ରଭୁ ସବୁ କରୁଛନ୍ତି । ତେଣେ ନିଜ ଢୋଲ ପିଟିବାରେ କମ ନାହିଁ । ଯିଆଠୁ ତା'ଠୁ ମାଗୁଣି କରି ବା କୋଉ ନେତା ମନ୍ତ୍ରୀଙ୍କୁ ଧରି ଯଦି ଜଣେ ଗାଁରେ ପାଠାଗାର କି କୋଠଘରଟିଏ କରିଦେଲା, ତେବେ ମରିବା ପର୍ଯ୍ୟନ୍ତ ସେ ଅନ୍ୟମାନଙ୍କ ଆଗରେ ଗାନବାଜଣା କରୁଥିବ ଯେ ସେ କାମଟା ପରା ମୁଁ କରିଛି । ମୁଁ ମୁଣ୍ଡ ଖେଳାଇ ନ ଥିଲେ କ'ଣ ସେ କାମଟା ହୋଇପାରିଥାନ୍ତା ଇତ୍ୟାଦି ଇତ୍ୟାଦି । ଏ ଧରଣର ବ୍ୟକ୍ତି ଗାଁ, ସହର ଅଫିସ ସବୁଠାରେ ଅଛନ୍ତି । ଏ ଲେଖାକୁ ସେଇ ପ୍ରକାର ଭଲ (ସେମାନେ ଅନ୍ୟମାନଙ୍କ ଅପେକ୍ଷା ପ୍ରକୃତରେ ଭଲ ବ୍ୟକ୍ତି ଯେ) ବ୍ୟକ୍ତି ଯଦି କେହି ପଢୁଥାନ୍ତି, ତେବେ ଆପଣଙ୍କୁ ଅନୁରୋଧ ହନୁମାନଙ୍କ ଚରିତ୍ର ଆଡେ ଟିକେ ଆଖି ପକାନ୍ତୁ । ହନୁମାନଙ୍କ ପରି ନିରଭିମାନୀ ଆଉ କର୍ତ୍ତୃତ୍ୱଶୂନ୍ୟ ହୁଅନ୍ତୁ । ଗାଁରେ ତ ଅନେକ ଲୋକ ଥିଲେ । ସେ କାମଟି କରିବା ପାଇଁ ଈଶ୍ୱର ଆପଣଙ୍କୁ କାହିଁକି ମାଧ୍ୟମ ବାଛିଲେ ? ତେଣୁ କେବେ ବି 'ମୁଁ କରିଛି 'ବୋଲି ଭାବନା କରନ୍ତୁ ନାହିଁ । ଅନ୍ୟମାନେ କହିଲେ ସିନା ସୁନ୍ଦର ।

ନିଜର ପ୍ରାଣପ୍ରିୟା ବୈଦେହୀଙ୍କ ଠିକଣା ଏବଂ ତାଙ୍କ ପ୍ରଦତ୍ତ ଚୂଡ଼ାମଣିକୁ ପ୍ରାପ୍ତ ହୋଇ ପ୍ରଭୁ ଆନନ୍ଦରେ ଗଦ ଗଦ ହୋଇଗଲେ । ହନୁମାନଙ୍କ ଋଣ ଜୀବନରେ କେବେ ବି ଶୁଝି ପାରିବେ ନାହିଁ ବୋଲି କହିବାରୁ 'ତ୍ରାହି ତ୍ରାହି ଭଗବନ୍ତ 'ବୋଲି କହି ହନୁମାନ ଶ୍ରୀରାମଙ୍କ ଚରଣ କମଳରେ ଲୋଟି ପଡିଲେ । ପ୍ରଭୁ ଯେତେ ଉଠାଇଲେ ହନୁମାନ ଅଭୟ ପାଦ ଦ୍ୱୟକୁ ସେମିତି ଜାବୁଡି ଧରିଥାନ୍ତି । ଶ୍ରୀରାମଙ୍କ କର ପଲ୍ଲ ହନୁମାନଙ୍କ ଶିର ଉପରେ ଥାଏ । ଏ ଦୃଶ୍ୟ ଦେଖି ଶଙ୍କର କିଛି କ୍ଷଣ ପାଇଁ କହିବା ବନ୍ଦ କରି ଭାବ ସମୁଦ୍ରରେ ଲୀନ ହୋଇଗଲେ ।

ଶ୍ରୀରାମ ପଚାରିଲେ -ହନୁମାନ ! ତୁମେ ଦୁର୍ଗମ ଲଙ୍କାକୁ କେମିତି ଗଲ, କିପରି ଲଙ୍କା ଦହନ କଲ, ଟିକେ କୁହ । ନିଜ କାର୍ଯ୍ୟ ବାବଦରେ ଏ ପର୍ଯ୍ୟନ୍ତ ଚୁପ ରହିଥିବା ହନୁମାନ ଏଥର ପାଟି ଖୋଲିଲେ । କହିଲେ -

ନାଘି ସିଂଧୁ ହାଟକପୁର ଜାରା
ନିଶିଚର ଗନ ବଧି ବିପିନ ଉଜାରା

ହନୁମାନଙ୍କ ମୁହଁରୁ ଏତକ ଶୁଣି ପ୍ରଭୁ ଟିକେ ଦ୍ୱନ୍ଦରେ ପଡିଗଲେ । କାହା କଥା ଠିକ -ଜାମ୍ବବାନଙ୍କର ନା ହନୁମାନଙ୍କର ? କାରଣ ଜାମ୍ବବାନଙ୍କ ବର୍ଣ୍ଣନାର କ୍ରମ ଯାହା ଥିଲା, ହନୁମାନ ଟିକେ ବଦଳେଇ କହୁଛନ୍ତି ।

ହନୁମାନ କହିଲେ, ପ୍ରଭୁ ! ପ୍ରଥମେ ସମୁଦ୍ର ଲଘନ, ପରେ ଲଙ୍କା ଦହନ (ହାଟକପୁର ଜାରା), ତା' ପରେ ନିଶାଚରମାନଙ୍କ ବଧ ଏବଂ ଶେଷରେ ରାବଣର ଫଳ ବଗିଚା ନଷ୍ଟ ।

କିନ୍ତୁ 'ଲଙ୍କା ଦହନ' ଶେଷରେ ହୋଇଥିଲା ବୋଲି ଜାମ୍ବ ଏଇ ଟିକିଏ ପୂର୍ବରୁ କହିଛନ୍ତି । ଏବେ ସ୍ୱୟଂ କର୍ତ୍ତା ନିଜେ କହୁଛନ୍ତି, ନା, ଲଙ୍କା ଦହନ ସମୁଦ୍ର ଲଘନ ପରେ ପରେ ହିଁ ହୋଇଛି । ଯଦି ହନୁମାନଙ୍କ କଥା ଠିକ ତେବେ ଜାମ୍ବବାନଙ୍କ ବର୍ଣ୍ଣନା ସମୟରେ ସେ ନିଜେ କାହିଁକି ସଂଶୋଧନ ନ କଲେ ? ଏବେ କାହିଁକି ବଦଳେଇ କହୁଛନ୍ତି ? ? ତାହାଲେ କ'ଣ ବୁଝିବାକୁ ହେବ ଯେ ଉଭୟ କଥାକ୍ରମରେ ହନୁମାନଙ୍କ ସ୍ୱୀକୃତି ଅଛି ବୋଲି ? ହେଲେ ଗୋଟିଏ ଘଟଣା ଦୁଇଟି ସମୟରେ ଘଟିବା କ'ଣ ସମ୍ଭବ ?

ପାଠକେ ! ଆମେ ତ ସମସ୍ତେ ଜାଣିଛେ ପ୍ରକୃତରେ କ୍ରମଟା କ'ଣ । ସେହି ହିସାବରେ ଜାମ୍ବବାନଙ୍କ ବର୍ଣ୍ଣନା ପୂରାପୂରି ଠିକ୍ । ହେଲେ ପ୍ରଜ୍ଞାବାନ ତଥା ମହାଜ୍ଞାନୀ ହନୁମାନ କ'ଣ ପ୍ରଭୁ ଆଗରେ ମିଛ କହିଲେ ?

ତା' ଛଡା ଆଉ ଗୋଟିଏ କଥା । କାର୍ଯ୍ୟଟି ଆଗେ ହଉ ବା ପଛରେ ହେଉ, କାର୍ଯ୍ୟଟି କରିବା ପାଇଁ ହନୁମାନଙ୍କୁ ଶ୍ରୀରାମଙ୍କ ଆଜ୍ଞା ହିଁ ନ ଥିଲା । ସାଧାରଣ ଭକ୍ତଟିର ମନରେ ସ୍ୱାଭାବିକ ଦୁଇଟି ପ୍ରଶ୍ନ ଉଙ୍କି ମାରୁଛି । ପ୍ରଥମ ପ୍ରଶ୍ନ : ବିନା ଆଜ୍ଞାରେ ହନୁମାନ ଲଙ୍କା ଦହନ କଲେ କେମିତି ? ଏବଂ ଦ୍ୱିତୀୟ ପ୍ରଶ୍ନ - ଯଦି କଲେ ତେବେ ବର୍ତ୍ତମାନ ଏଠି କ୍ରମକୁ ଆଗ ପଛ କରି ଅନ୍ୟମାନଙ୍କୁ ବିଭ୍ରାନ୍ତିରେ ପକାଉଛନ୍ତି କାହିଁକି ? ? ଏମିତି କହିବାରେ ହନୁମାନ ଙ୍କର କି ମହତ୍ତ୍ୱାକାଂକ୍ଷା ରହିଛି -ଏ ବାବଦରେ ଆରଥରକୁ ଆଲୋଚନା କରିବା ।

-ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ

## ଚିତ୍ର ଏପରି ବି


**କା**ଗଜ, କଲମ, ରଙ୍ଗ, ତୂଳୀ ଆଦିରେ ଚିତ୍ର ଆଙ୍କିବା ସହଜ କିନ୍ତୁ କାଚରେ ଫାଟ ସୃଷ୍ଟି କରି ତାକୁ ଏକ ଚିତ୍ରର ରୂପଦେବା କୌଣସି ଚମତ୍କାରଠାରୁ କମ୍ ନୁହେଁ। କାରଣ କାଚ ଏପରି ଏକ କଠିନ ବସ୍ତୁ ଯେଉଁଥିରେ ଫାଟ ବା କ୍ରାକ୍ ସୃଷ୍ଟି ହେଲେ ଏହା ଭାଙ୍ଗିବା ପରି ଦେଖାଯାଏ ଏବଂ ଅଦରକାରୀ ହୋଇଯାଏ। କିନ୍ତୁ ଏପରି କାଚରେ ରୂପଚିତ୍ର ଆଙ୍କୁଛନ୍ତି ସୁଇଜରଲାଣ୍ଡର ଜଣେ ପ୍ରତିଭାଶାଳୀ ଚିତ୍ରକର ସାଇମନ୍ ବରଗର୍। ସେ କୁହନ୍ତି, ତାଙ୍କ ଚିତ୍ର ଯେମିତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବ ସେପରି କିଛି ଆଶ୍ଚର୍ଯ୍ୟଜନକ ଚିତ୍ର ତିଆରି କରିବାକୁ ସେ ସବୁବେଳେ ଚେଷ୍ଟା କରୁଥିଲେ। ସେ କାଚରେ ହାତୁଡି ଦ୍ୱାରା କ୍ରାକ୍ ସୃଷ୍ଟି କରି ମଡେଲମାନଙ୍କ ପୋଟ୍ରେଟ୍ ବନେଇବା ଆରମ୍ଭ କରିଥିଲେ ଏବଂ ଏହାକୁ ଲୋକମାନେ ଖୁବ୍ ପ୍ରଶଂସା କରିଥିଲେ। ସୁଇଜରଲାଣ୍ଡର ଏକ ରେଷ୍ଟୁରାଣ୍ଟର ବାହାର କାଚରେ ତାଙ୍କର ଏକ କଳାକୃତି ଦେଖିବାକୁ ମିଳିଥାଏ। ଏହି ରେଷ୍ଟୁରାଣ୍ଟ







ବାଟ ଦେଇ ଯାଉଥିବା ଲୋକମାନେ ଏହାକୁ ଘଡ଼ିଏ ଛିଡ଼ା ହୋଇ ଦେଖିକି ଆଶ୍ଚର୍ଯ୍ୟ ମଧ୍ୟ ହୋଇଥାନ୍ତି। ପାଖରୁ ଏହା କେବଳ କାଚରେ ସୃଷ୍ଟି ହୋଇଥିବା ଫାଟ ପରି ଲାଗେ କିନ୍ତୁ ଦୂରରୁ ଏଥିରେ ରୂପଚିତ୍ର ହୋଇଥିବା ଦେଖାଯାଏ। ସାଇମନ କୁହନ୍ତି ଯେ, ବହୁ ପରୀକ୍ଷା ନିରୀକ୍ଷା, ଟେକ୍ନିକ୍ସ୍ ଦ୍ୱାରା ଏପରି ଚିତ୍ର କରିବାରେ ସେ ସଫଳ ହୋଇପାରିଛନ୍ତି।

ବ୍ୟାକ୍ ପେଜ୍



# ୬ଟି କେଶର ମୂଲ୍ୟ ୧୦ ଲକ୍ଷ

**ଆ**ମେରିକୀୟ ରକ୍‌ଷ୍ଟାର୍ ସିଙ୍ଗର କର୍ଟ କୋବେନ ୧୯୯୪ରେ ଦୁନିଆକୁ ଛାଡ଼ି ଚାଲି ଯାଇଛନ୍ତି। ହେଲେ ତାଙ୍କ ଲୋକପ୍ରିୟତା ଏବେ ବି କମ୍ ହୋଇନାହିଁ। ସେ ଆଜି ବି ତାଙ୍କ ଫ୍ୟାନ୍‌ମାନଙ୍କ ହୃଦୟରେ ଜୀବିତ ଅଛନ୍ତି; ଯାହାର ପ୍ରମାଣ ନିକଟରେ ଦେଖିବାକୁ ମିଳିଛି। କର୍ଟଙ୍କର ମାତ୍ର ୬ଟି କେଶର ନିଲାମୀ ହୋଇଥିଲା। ଏଥିରେ ବହୁତ ଲୋକ ଭାଗ ନେଇଥିଲେ। ଲୋକେ ସେହି କେଇଟି କେଶ ପାଇଁ ଏତେ ପାଗଳ ଥିଲେ ଯେ, ଲକ୍ଷ ଲକ୍ଷ ଟଙ୍କା ଦେବାକୁ ପ୍ରସ୍ତୁତ ଥିଲେ। ଶେଷରେ ସେହି ୬ଟି କେଶ ୧୦ ଲକ୍ଷ ଟଙ୍କାରେ ନିଲାମ ହୋଇଥିଲା। ସେହି କେଶକୁ ବହୁ ବର୍ଷ ଧରି ପ୍ଲାଷ୍ଟିକ ଥଳୀରେ ରଖାଯାଇଥିଲା। ସେ ଏତେ ଲୋକପ୍ରିୟ ଥିଲେ ତାଙ୍କ ସହ ସବୁ ଜିନିଷ ବ୍ରାଣ୍ଡ ଭାବେ ଗ୍ରହଣ କରାଯାଉଥିଲା। ତାଙ୍କ ହେୟାରଷ୍ଟାଇଲ୍‌କୁ ମଧ୍ୟ ଲୋକେ ବହୁତ ପସନ୍ଦ କରୁଥିଲେ, ଯାହାକୁ ତାଙ୍କ ସାଙ୍ଗ ଟେସା ଓବର୍ନ ୧୯୮୯ରେ କରିଥିଲେ। ଏହା ପୂର୍ବରୁ ତାଙ୍କର ଗିଟାର ବି ନିଲାମ ହୋଇଥିଲା ଆଉ ତାହା ଅବିଶ୍ୱସନୀୟଭାବେ ୪୪ କୋଟି ଟଙ୍କାରେ ନିଲାମ ହୋଇଥିଲା।











# ଏଇ ଜିନ୍ସ ପିନ୍ଧିଲେ ଲାଗିବ ଗୋଡ଼ ଭାଙ୍ଗି ଯାଇଛି

**ଦ**କ୍ଷିଣ କୋରିଆର କପଡା ବ୍ରାଣ୍ଡ 'ଲିଜେ' ଏବେ ବେଶ୍ ଚର୍ଚ୍ଚାରେ ରହିଛି। କାରଣ ଏହି କମ୍ପାନୀ ଏଭଳି ଜିନ୍ସ ତିଆରି କରିଛି ଯାହାକୁ ପିନ୍ଧିଲେ ଲାଗିବ ସତେ ଯେମିତି ଗୋଡ ଖଣ୍ଡ ଖଣ୍ଡ ହୋଇ ଯାଇଛି। ଆଉ ସେଗୁଡ଼ିକୁ ଅଙ୍କାବଙ୍କାଭାବେ ଥାକଥାକ କରି ରଖାଯାଇଛି। ଏହି ଜିନ୍ସକୁ 'ସ୍ଲାଶ୍ ଜିନ୍ସ' ବୋଲି କୁହାଯାଉଛି। ଲିଜେ ବ୍ରାଣ୍ଡର ଏ ହେଉଛି ୨୦୨୧ କଲେକ୍ସନ। ଏହାକୁ ତିଆରି କରିବା ପାଇଁ ଜିନ୍ସର ଗୋଡଭାଗକୁ କାଟି ଦିଆଯାଏ। ଆଉ ସେହି ପିସ୍‌ଗୁଡ଼ିକୁ ବେସାଇଜ୍‌ରେ ସିଲାଇ କରାଯାଏ। ଫଳରେ ଜିନସ୍ ଏଭଳି ଦେଖାଯାଏ। ଏହି ଜିନ୍ସକୁ କେହି କେହି ପସନ୍ଦ କରୁଥିବାବେଳେ ଆଉ କେହି କମେଣ୍ଟ ଦେଉଛନ୍ତି ଯେ, ଏଭଳି ଅଜବ ଜିନ୍ସ କିଏ ପିନ୍ଧିବ। ଉକ୍ତ ଜିନ୍ସର ମୂଲ୍ୟ ଏକ ହଳକୁ ୩୭୫ ଡଲାର ରହିଛି।



# ତୃତୀୟ ନୟନ

**ଆ**ଜିକାଲି ସ୍ମାର୍ଟଫୋନ୍‌ର ଯୁଗ। ଲୋକେ ଏଥିରେ ଏତେ ନିମଗ୍ନ ରହୁଛନ୍ତି ଯେ, ସାରା ଦୁନିଆକୁ ଭୁଲି ଯାଉଛନ୍ତି। ଏମିତି କି ରାସ୍ତାଘାଟରେ ଚାଲିବାବେଳେ ମଧ୍ୟ ରହୁନି କେଉଁ ଆଡକୁ ନିଘା। ଫୋନ୍ ଉପରେ ନଜର ଜଡେଇ ରଖି ଦୁର୍ଘଟଣାର ଶିକାର ବି ହେଉଛନ୍ତି। ଏହି ସମସ୍ୟାକୁ ନଜରରେ ରଖି ଇଣ୍ଡଷ୍ଟ୍ରିଆଲ ଡିଜାଇନ୍‌ର ଛାତ୍ର ମିନଉକ୍ ପେଙ୍ଗ ତିଆରି କରିଛନ୍ତି ଏକ ଖାସ୍ ଡିଭାଇସ୍, ଯାହାକୁ ତୃତୀୟ ନୟନ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହା ଦେଖିବାକୁ ଆଖି ପରି। ଏହାର ଆଖି ପରି ଦେଖିବାକୁ ଟ୍ରାନ୍ସଲୁସେଣ୍ଟ ପ୍ଲାଷ୍ଟିକ କେସ୍‌କୁ ବ୍ୟକ୍ତି ନିଜ କପାଳରେ ଏକ ପତଳା ଜେଲ୍ ପ୍ୟାଡ୍ ସାହାଯ୍ୟରେ ଲଗାଇପାରିବେ। ଏହି ପ୍ଲାଷ୍ଟିକ ଆଖିରେ ଏକ ଛୋଟ ସ୍ପିକର୍, ଏକ ଗାୟରୋସ୍କୋପିକ୍ ସେନ୍ସର୍ ଏବଂ ଏକ ସୋନାର୍ ସେନ୍ସର ଥାଏ। ଯେତେବେଳେ ଗାୟରୋସ୍କୋପ ଡିଟେକ୍ଟ କରେ ବ୍ୟବହାରକାରୀଙ୍କ ମୁଣ୍ଡ ତଳକୁ ହେଲା, ସେ ତା'ର ପ୍ଲାଷ୍ଟିକ୍ ଆଖିପତା ଖୋଲେ। ତା' ସହ ସୋନାର ସେନ୍ସର ଆଖପାଖ ଅଞ୍ଚଳକୁ ମନିଟର କରିବା ଆରମ୍ଭ କରିଦିଏ। ସାମ୍ନାରେ କିଛି ପ୍ରତିବନ୍ଧକ ଦେଖିଲେ ସ୍ପିକର୍ ଜରିଆରେ ବ୍ୟବହାରକାରୀଙ୍କୁ ସତର୍କ କରାଇଦିଏ। ଏଥିରେ ଆଖିପିତୁଳା ପରି ଦେଖାଯାଉଥିବା କଳା ଜିନିଷଟି ହେଉଛି ଅଲ୍ଟ୍ରାସୋନିକ ସେନ୍ସର, ଯାହା ଦୂରତାକୁ ମାପିଥାଏ। ତେଣୁ ଏହାକୁ ପିନ୍ଧି ରାସ୍ତା ନ ଦେଖି ମୋବାଇଲ୍‌ରେ ଫେସବୁକ୍, ଇନଷ୍ଟାଗ୍ରାମ ଯାହା ବି ଦେଖି ଦେଖି ଚାଲିଲେ ମଧ୍ୟ କୌଣସି ସ୍ଥାନରେ ଧକ୍କା ହେବାର ଭୟ ରହିବ ନାହିଁ।

